
DSPL-789
ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର | Skilled in ODISHA
'ଦକ୍ଷତା ବିକାଶ କାର୍ଯ୍ୟକ୍ରମ' ଅଧୀନରେ
୨୦୧୪ରୁ ଏବେ ସୁଦ୍ଧା ୧୬.୯୩ ଲକ୍ଷ
ଯୁବଶକ୍ତିଙ୍କୁ ମିଳିଛି ପ୍ରଶିକ୍ଷଣ
ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ହେଉଛି ସାକାର

OIPR-15001/13/0650/2324
*ଆନୁମାନିକ ତଥ୍ୟ


## ନକଲି ଆଚାର ଫ୍ୟାକ୍ଟ୍ରିରେ ଚଢ଼ଉ

# ବିପୁଳ କଞ୍ଚାମାଲ, ମେସିନ୍ ଓ ଡବା ଜବତ





**ବ୍ରହ୍ମପୁର,୪।୩(ସମିସ):** ନକଲି କାରବାରର ପେଣ୍ଠସ୍ଥଳୀ ପାଲଟିଛି ବଡବଜାର ଅଞ୍ଚଳ । ସୋମବାର ସନ୍ଧ୍ୟାରେ ବଡ଼ ବଜାର ଥାନା ପୁଲିସ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ପାଣିଗ୍ରାହୀପେଣ୍ଠ ବ୍ରଜନଗରରେ ଥିବା ଏକ ଆଚାର ଫ୍ୟାକ୍ଟ୍ରିରେ ଚଢଉ କରି ବିପୁଳ ପରିମାଣର ନକଲି ଆଚାର ଓ ଡବା ଜବତ କରିଥିବା ଜଣାପଡିଛି । ବଡବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀ ପେଣ୍ଠ ବ୍ରଜନଗରରେ ଥିବା ଏକ ଭଡା ଘରେ ଅନେକ ଦିନ ହେବ ନକଲି ଆଚାର ଫାକ୍ଟ୍ରି ଚାଲୁଥିବା ପୁଲିସକୁ ଖବର ମିଳିଥିଲା । ସେହିକ୍ରମରେ ବ୍ରହ୍ମପୁର ମହାନଗର ନିଗମ ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ମିତା ଖାଡଙ୍ଗା, ଟାଉନ ଏସଡ଼ିପିଓ ଦେବୀ ଶଙ୍କର ପ୍ରତାପ, ବଡବଜାର ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ଆଜି ସେହି ନକଲି ଆଚାର ଫ୍ୟାକ୍ଟ୍ରିରେ ଚଢଉ କରାଯାଇଥିଲା । ଚଢଉ ବେଳେ ସେଠାରୁ ବିଭିନ୍ନ କମ୍ପାନୀ ନାଁରେ ଡବାରେ ଭର୍ତ୍ତି ହୋଇଥିବା ୧୫୦ରୁ ଅଧିକ ଆଚାର ଡବା ଜବତ କରାଯାଇଥିଲା । ଏହି ଡବା ଗୁଡ଼ିକରେ ଆମ୍ବ ଆଚାର, ଲଙ୍କା ଆଚାର, ତେନ୍ତୁଳି ଆଚାର ଭଳି ବିଭିନ୍ନ ପ୍ରକାରର ଆଚାର ଭର୍ତ୍ତି ହୋଇଥିଲା । ସେହିପରି ଶ୍ରୀ ଦୁର୍ଗା, ସୁରୁଚି, ପ୍ରାଇମ, ସନ୍ ଭଳି ବିଭିନ୍ନ ବ୍ରାଣ୍ଡ ନାଁରେ ଏହି ଆଚାର ବିକ୍ରି ପାଇଁ ରଖାଯାଇଥିଲା। ପୁଲିସ ସେହି ଫ୍ୟାକ୍ଟ୍ରିରୁ ବିପୁଳ ପରିମାଣର ଖାଲି ଡବା ସହ, ଲଙ୍କା ଗୁଣ୍ଡ, ଗୁଡ, ଚିନି ଭଳି କଞ୍ଚାମାଲ ଜବତ କରିଛି । ସେହିପରି ସେଠାରୁ ପ୍ୟାକିଂ ମେସିନ ମଧ୍ୟ ଜବତ କରାଯାଇଛି। ଏହି ନକଲି ଆଚାର ଫ୍ୟାକ୍ଟ୍ରି ଚଳାଉଥିବା ପିଣ୍ଟୁ ସାହୁ ନାମକ ଜଣେ ଯୁବକଙ୍କୁ ପୁଲିସ ଅଟକ ରଖିଛି ।ବଜାରରୁ ବିଭିନ୍ନ କମ୍ପାନୀର ଆଚାର କିଣି ଆଣିବା ପରେ ସେଥିରେ ନକଲି ଆଚା ମିଶାଇ ପୁଣିଥରେ ପ୍ୟାକିଂ କରି ବଜାରକୁ ବିକ୍ରି ପାଇଁ ପଠାଉଥିଲେ ବୋଲି ଶୁଣିବାକୁ ମିଳିଛି ।ବ୍ରହ୍ମପୁର ଆଚାର ଓ ପାମ୍ପଡ ସାରା ରାଜ୍ୟରେ ପ୍ରସିଦ୍ଧ। ଏଠାକାର ଆଚାରର ସ୍ୱାଦ ନିଆରା ବୋଲି କୁହାଯାଏ। ଏପରିକି ଆଚାର ପ୍ରସ୍ତୁତି କରୁଥିବା କାରିଗରଙ୍କ ମଧ୍ୟ ବେଶ ନାଁ ରହିଛି। ହେଲେ ସେହି ଆଚାରକୁ କିଛି ଜଣ ନକଲି କରି ପ୍ରକୃତ ଆଚାର କାରିଗରଙ୍କ ନାଁ ଖରାପ କରିବା ସହ ଲୋକଙ୍କୁ ନକଲି ଆଚାର ବିକ୍ରି କରି ବେଶ ମାଲାମାଲ ହେଉଥିବା ଅଭିଯୋଗ ହୋଇଛି।

## ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ବିୟୋଗରେ ବ୍ରାହ୍ମଣ ମହାସଭାର ଶୋକସଭା

**ବ୍ରହ୍ମପୁର,୪।୩(ସମିସ):** ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ସୋମବାର ଗାନ୍ଧୀ ନଗର ୫ମ ଲାଇନରେ ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ମହାସଭାର ସଭାପତି ଲକ୍ଷ୍ମୀନାରାୟଣ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ସ୍ୱର୍ଗତ ଶ୍ରୀ ମିଶ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଦିବଙ୍ଗତ ଆତ୍ମାର ସଦାଗତୀ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ରଙ୍ଗେଇଲୁଣ୍ଡା ବ୍ଲକ ଆମପୁର ଗ୍ରାମର ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ୯୬ବର୍ଷ ବୟସରେ ନିଜ ବାସ ଭବନ ପରିସରରେ ଗତ ଗୁରୁବାର ପରଲୋକ ଘଟିଥିଲା। ବିଗତ କିଛି ବର୍ଷ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ମିଶ୍ର କନିଶି ଏବଂ ଏହାର ଆଖପାଖ ଅଞ୍ଚଳରେ ବରିଷ୍ଠ ପଣ୍ଡିତ କର୍ମକାଣ୍ଡ ଓ ଜ୍ୟୋତିଷ ବିଶାରଦ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କରି ଜୀବନ କାଳ ମଧ୍ୟରେ ଅନେକ କର୍ମକାଣ୍ଡ ଜ୍ୟୋତିଷ ଶାସ୍ତ୍ର କରି ଉଚ୍ଚ ପ୍ରଶଂସିତ ହେବା ସହ ବହୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋକସଭାରେ ମହାସଭାର ଉପସଭାପତି ଶଙ୍କର୍ଷଣ ପାତ୍ର  ସାଧାରଣ ସଂପାଦକ ଲକ୍ଷ୍ମଣ ଚୌଧୁରୀ, ସାଂଗଠନିକ ସଭାପତି ଅନିଲ କୁମାର ଚୌଧୁରୀ, କୋଷଧକ୍ଷ ତଥା ସାମ୍ବାଦିକ ଦୀପକ କୁମାର ପଣ୍ଡା,  ଓ ଆଇନଜୀବି ପ୍ରଣୟ ପଣ୍ଡା, ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ, ସମ୍ବାଦିକ ରାଜେନ୍ଦ୍ର ପଣ୍ଡିତ, ବିଚିତ୍ର ସଂସାର ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କଳିଙ୍ଗ ଆଶ୍ରମ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ସାମ୍ବାଦିକ ସରୋଜ ପଣ୍ଡା, ସୁବ୍ରତ ରଥ, ଯୁବ ସମାଜସେବୀ ଜୀବନ ପାତ୍ର କର୍ପୋରେଟ ନୀଳକଣ୍ଠ ସାହୁଙ୍କ ସମେତ ବ୍ରାହ୍ମଣ ମହାସଭାର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

# ଗାନ୍ଧୀନଗର ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବ୍ରହ୍ମପୁର,୪।୩(ସମିସ):** ଗାନ୍ଧୀନଗର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହୋଇଯାଇଛି। ଏଥିରେ ବ୍ରହ୍ମପୁରର ଗାନ୍ଧୀନଗର ପ୍ଲେୟିଂ ଇଲେଭେନ୍, ୧୦୮ ହନୁମାନ କ୍ଲବ, ବୁଢ଼ୀ ଠାକୁରାଣୀ ଦଳ, ବିନ୍ଦାସ୍ ଇଲେଭେନ୍, ରୟାଲ ଷ୍ଟ୍ରାଇକେର୍, ଗୋଷାଣୀନୂଆଗାଁ ଇଲେଭେନ୍, ୟଙ୍ଗ ଷ୍ଟାର୍, ଷ୍ଟାର୍ ଇଲେଭେନ୍ ଭଳି ପ୍ରମୁଖ ମୋଟ ଆଠଟି ଦଳ ଭାଗ ନେଉଛନ୍ତି। ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଜେପିର ବରିଷ୍ଠ ନେତା କାହ୍ନୁ ଚରଣ ପତି ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସୁନିଲ କୁମାର ସାହୁ, ତୁତୁନ୍ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଗାନ୍ଧୀନଗର ପ୍ଲେୟିଂ ଇଲେଭେନ୍ ଏବଂ ପୁରୁଣା ବ୍ରହ୍ମପୁରର ବୁଢ଼ୀ ଠାକୁରାଣୀ କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେଇଥିଲା। ବୁଢ଼ୀ ଠାକୁରାଣୀ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଗାନ୍ଧୀନଗର ପ୍ଲେୟିଂ ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ୧୧.୨ ଅଭରରେ ୪୧ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ। ପରେ ବୁଢ଼ୀ ଠାକୁରାଣୀ ଦଳ ଦ୍ୱିତୀୟ ବ୍ୟାଟିଂ କରି ୭.୪ ଅଭରରେ ୪ ୱିକେଟ୍ ହରାଇ ୪୨ ରନ୍ କରି ୬ ୱିକେଟରେ ବିଜୟୀ ହୋଇଥିଲେ। ପ୍ରଦ୍ୟୁମ୍ନ ପ୍ଲେର୍ ଅଫ୍ ଦି ମ୍ୟାଚ୍ ହେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍.ଶ୍ରୀନିବାସ, ମାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବସନ୍ତ ସଚେତନା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର,୪।୩(ସମିସ):** ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନଠାରେ ମିଳିମିଳା ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।  ଶିବିରରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଯୋଗଦେଇ କହିଛନ୍ତି ଯେ, ବସନ୍ତ ଋତୁରେ ଦୂଷିତ ଜଳ ପାନ, ଖଟା ଖାଇଲେ ଓ ଖୋଲା ପବନରେ ଅଧିକ ବୁଲିଲେ କଫ ବଢି ଭୂତାଣୁ ସଂକ୍ରମିତ ହୁଏ। ରୋଗାକ୍ରାନ୍ତ ଶିଶୁର ନାସା ଶ୍ରାବ ପବନ ଦ୍ୱାରା ଯାଇ ଅନ୍ୟ ଶିଶୁ ମାନଙ୍କୁ ସଂକ୍ରମଣ ହୁଏ। ସାହି, ସହର, ଗ୍ରାମ ବ୍ୟାପିଯାଏ। ଆଖି ନାକରୁ ପାଣି ବହେ, ଜ୍ୱର, ଶୁଷ୍କ କାସ, ଅରୁଚି, ମୁଣ୍ଡବ୍ୟଥା, ଶରୀର ପୀଡା ସହ ମସୁର ଡାଲି ପରି ଫୋଟକା ଦେହ ସାରା ବାହାରି ପଡେ। କାରଣ ଗୁଡିକୁ ଛାଡି ଲଘୁ ଖାଦ୍ୟ, ଉଷ୍ମଜଳ ପାନ କରିବେ, ଘରେ ଭୂତାଣୁ ନାଶ ପାଇଁ ଝୁଣା ନିମ୍ବ ପତ୍ର ଧୂପ ଦେବେ, ପ୍ରତିଷେଧ ପାଇଁ ହଳଦୀଗୁଣ୍ଡ କିମ୍ବା କଲରା ପତ୍ର ରସ ସକାଳୁ ତିନିଦିନ ଖାଇବେ। ଶେଜରେ କୋମଳ ନିମ୍ବ ପତ୍ର ପକାଇବେ, ଶରୀର କୁଣ୍ଡେଇ ହେଲେ ନିମ୍ବ କାଠିରେ କୁଣ୍ଡାଇବେ। ଗୋରଚନା ବା ହଳଦୀଗୁଣ୍ଡ ଦିନରେ ତିନିଥର ମହୁ ସହ ଖାଇଲେ ଜ୍ୱର ସହ ମିଳିମିଳା ଭଲ ହୋଇଯାଏ। କାଶ ପାଇଁ ତୁଳସୀ ରସ ଦେବେ, ପଦାରେ ବୁଲିବେ ନାହିଁ ବୋଲି ସେ କହିଛନ୍ତି।

ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ।

## ବନ୍ଧକ ସୁନାରେ ଠକେଇ ହୋଇଥିବା ଅଭିଯୋଗ

**ବ୍ରହ୍ମପୁର,୪।୩(ସମିସ):** ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ବନ୍ଧକ ଥିବା ଜଣେ ବ୍ୟକ୍ତିଙ୍କ ସୁନା ଅଳଙ୍କାର ଠକେଇ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ କମାପଲ୍ଲୀ ବଡ ସାହିରେ ରହୁଥିବା ସଞ୍ଜୟ କୁମାର ଚୌହାନ କମାପଲ୍ଲୀ ସ୍ଥିତ ମାନାପୁରମ ଗୋଲ୍ଡ ଲୋନ ସଂସ୍ଥାରେ ୨୫.୬୦ଗ୍ରାମ ଓଜନର ୨୪କ୍ୟାରେଟ ସୁନା ଅଳଙ୍କାର ବନ୍ଧକ ରଖିଥିଲେ। ୨୦୧୯ ରୁ ୨୦୨୨ ମଧ୍ୟରେ ସଞ୍ଜୟ କୁମାର ସେହି ସୁନା ଅଳଙ୍କାର ବନ୍ଧକ ରଖି ପ୍ରାୟ ୬ଥର ସୁନା ଋଣ ଆଣିବା ସହ କିସ୍ତି ପୈଠ କରିଛନ୍ତି। ଏହି ଘରୋଇ ସଂସ୍ଥାରେ ୨୦୧୯ରୁ ତାଙ୍କ ସୁନା ଅଳଙ୍କାର ରହିଛି। ଗୋଟିଏ ଋଣ ସରିବା ପରେ ସେ ପୁଣି ଋଣ କରି ଟଙ୍କା ନେବା ସହ ସମୟଅନୁସାରେ ପରିଶୋଧ କରି ଆସୁଛନ୍ତି। ସେହିକ୍ରମରେ ସଞ୍ଜୟଙ୍କ ସହ କମ୍ପାନୀ ମଧ୍ୟରେ ଉତ୍ତମ ସମ୍ପର୍କ ରହିଥିଲା। ହେଲେ କିଛି ମାସ ପୂର୍ବେ କମ୍ପାନୀ ପକ୍ଷରୁ ନିଯୁକ୍ତ ବଣିଆଙ୍କ ଦ୍ୱାରା ସୁନା ଅଳଙ୍କାର ଯାଞ୍ଚ ବେଳେ ସଞ୍ଜୟ ଯେଉଁ ସୁନା ଅଳଙ୍କାର ବନ୍ଧକ ରଖିଛନ୍ତି ସେଗୁଡ଼ିକ ୨୪କ୍ୟାରେଟ ନୁହଁ ବରଂ ୨୨କ୍ୟାରେଟ ବୋଲି କୁହାଯାଇଥିଲା। ସେହିପରି ତାଙ୍କର ୨୫.୬୦ ଗ୍ରାମ ଓଜନର ନୁହଁ ବରଂ ୨୨.୧୭ ଗ୍ରାମ ଓଜନର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏପରିକି ଏନେଇ କମ୍ପାନୀ ପକ୍ଷରୁ ସଞ୍ଜୟଙ୍କ ନିକଟକୁ ନୋଟିସ ଜାରି କରାଯାଇ ସୁନାର ଓଜନ ଏବଂ କ୍ୟାରଟ କମ ରହିଥିବାରୁ ସେ ନେଇଥିବା ମୋଟ ଋଣ ଟଙ୍କାରୁ ୬୧୬୬୩ଟଙ୍କା ଜମା କରିବାକୁ କୁହାଯାଇଥିଲା । ତେବେ ୩ବର୍ଷ ହେବ କମ୍ପାନୀ ଯେଉଁ ସୁନା ରଖି ଋଣ ଦେଉଥିଲା ସେହି ସୁନାର କ୍ୟାରେଟ ଏବଂ ଓଜନ କମିବା କଥା ଶୁଣି ସଞ୍ଜୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏନେଇ ସେ କମ୍ପାନୀ ଶାଖାକୁ ଯାଇ ବୁଝାସୁଝା କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇନଥିଲେ। ଏହି ଠକେଇକୁ ନେଇ ସଞ୍ଜୟ ଏସଡିଜେଏମ କୋର୍ଟରେ ୱାନସିସି ମାମଲା ଦାୟର କରିଥିଲେ।। ପୁଲିସ ଏକ ମାମଲା ରୁଜୁ କରି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର || ଶିଶୁବାଟିକା ବିଭାଗରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'







**ବ୍ରହ୍ମପୁର,୪।୩(ସମିସ)**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗରରେ ଶିଶୁ ବାଟିକା ବିଭାଗର 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'ର ଶେଷ ପର୍ଯ୍ୟାୟରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିଶୁବାଟିକା ଆଚାର୍ଯ୍ୟା ଅନିତା ମହାରଣା। ମୁଖ୍ୟବକ୍ତା ରୂପେ ଦକ୍ଷିଣପୂର୍ବ ସମ୍ଭାଗ ଶିଶୁ ବାଟିକ ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ,  ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବିଭାଗର ନିରୀକ୍ଷକ ସରୋଜ ପଟ୍ଟନାୟକ, ସାହିତ୍ୟିକ ନିଳକଣ୍ଠ ସାହୁ ଉପସ୍ଥିତ ଅଭିଭାବକ ଓ ମାତୃମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସମସ୍ତ ସଦସ୍ୟ ଅନୁଷ୍ଠାନର ଗୁରୁଜୀ ଗୁରୁମା ତଥା ନୂତନ ଶିଶୁଙ୍କ ପିତାମାତା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ୫ଟି ପର୍ଯ୍ୟାୟରେ ଯଥାକ୍ରମେ ମୂଖ୍ୟବକ୍ତା ଭାବେ ଲକ୍ଷ୍ମଣ ପଣ୍ଡା, ଡ. ଦେବାଶିଷ ପାଣୀଗ୍ରାହି, ଡ. ସାଧନା ପଣ୍ଡା. ପି. ମୋହନ ରାଓ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଶିଶୁ ଶିକ୍ଷାରେ ଭାରତୀୟ ଓ ପାଶ୍ଚାତ୍ୟ ସଙ୍କଳନ, ଶିଶୁର ବିକାଶରେ ପିତାମାତାଙ୍କ ଭୂମିକା, ଶିଶୁର ସର୍ବାଙ୍ଗୀନ ବିକାଶ, ସଂସ୍କାର ପ୍ରକ୍ରିୟା ଏବଂ ହିନ୍ଦୁ ପରିବାରର ସଙ୍କଳନ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଂଚାସୀନ ଥିଲେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଶିଶୁ ବାଟିକା ପର୍ଯ୍ୟାୟ ପ୍ରମୁଖ ବିଷ୍ଣୁ କୁମାରୀ ପଣ୍ଡା, ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ନିଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ ଓ ବାସନ୍ତି ବେହେରା, ଉପଦେଷ୍ଟା ଡ.ଶ୍ରୀକାନ୍ତ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ ଓ ହରିକୃଷ୍ଣ ପାଢ଼ୀ, ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଏସ୍. ,ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତିଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏ ଅବସରରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗ ଶିକ୍ଷା ଦେଇଥିଲେ ବୃନ୍ଦାବନ ଦାସ। ଜାନୁୟାରୀ ୦୭ତାରିଖରୁ ଫେବୃୟାରୀ ୨୫ତାରିକ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିବା ଏହି "ଘର ହିଁ ବିଦ୍ୟାଳୟ ପ୍ରକଳ୍ପ"ର ସମରୋହ ଉତ୍ସବ  ସୋମବାର ମଧ୍ୟ ହୋଇଥିଲା। ଶେଷରେ ଆଚାର୍ଯ୍ୟା ସୁପ୍ରଭା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିଶୁବାଟିକା ଆଚାର୍ଯ୍ୟାଙ୍କ ସହଯୋଗରେ ଏହି ଚାରିଟି ପର୍ଯ୍ୟାୟର ସଫଳତାର ସହିତ ସମାପ୍ତ ହୋଇଥିଲା।





DADLS-99
ଓଡ଼ିଶା ସରକାର

ମହାନ ଜନନାୟକ
ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ଏବଂ
ପଞ୍ଚାୟତିରାଜ ଓ ଲୋକସେବା ଦିବସ
ତା.୦୫.୦୩.୨୦୨୪
ଜୟଦେବ ଭବନ, ଭୁବନେଶ୍ୱର

ପୂର୍ବାହ୍ନ ୧୧ ଘଟିକା : ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତଙ୍କ ଦ୍ୱାରା ଉଦ୍‌ଘାଟନ ।

ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଭାପତି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ସମ୍ମାନନୀୟ ଅତିଥି ବୃନ୍ଦ – ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ସୁଲୋଚନା ଦାସ, ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀଯୁକ୍ତ ସୁଶୀଲ କୁମାର ଲୋହାନୀ, ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂହ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ବିଭିନ୍ନ ପୁରସ୍କାର ପ୍ରଦାନ ଏବଂ ୱେବ୍ ଆପ୍‌ର ଲୋକାର୍ପଣ

ସାଂସ୍କୃତିକ କାର୍ଯ୍ୟକ୍ରମ
ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଓ ସାଥୀ
'ମୋକ୍ଷ ରିଦମ୍ ଏଣ୍ଡ ର୍ୟାମ୍' ନୃତ୍ୟ ଦଳ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିବେଦକ
ନିର୍ଦ୍ଦେଶକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR - 15001/13/0643/2324

# ଦେଶୀ ବନ୍ଧୁକ ଜବତ; ଶିକାରୀ ଗିରଫ

**ଜଗନ୍ନାଥପ୍ରସାଦ, ୪ ।୩(ସମିସ)**

ଜଗନ୍ନାଥପ୍ରସାଦ ଥାନା ପୁଲିସ ଦେଶୀ ବନ୍ଧୁକ ସହ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ଅଳସୁଗୁମା ଗ୍ରାମର ପଞ୍ଚୁ ପ୍ରଧାନଙ୍କ ପୁଅ ସଞ୍ଜୟ ପ୍ରଧାନ (୩୮) । ଏହି ମାମଲାରେ ଅନ୍ୟ ଦୁଇ ଜଣ ଜଡ଼ିତ ଥିଲେ ମଧ୍ୟ ସେମାନେ ଫେରାର ହୋଇଯାଇଛନ୍ତି । ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ।

ସୂଚନାନୁସାରେ ରବିବାର ସନ୍ଧ୍ୟାରେ ଚଢେୟାପଲ୍ଲି ଓ ପଞ୍ଚଭୂତି ମଧ୍ୟଭାଗରେ ଥିବା ଭାଲିଆ ତୋଟା ନିକଟରେ ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା । ଏତିକିବେଳେ ଗୋଟିଏ ବାଇକ୍‌ରେ ତିନିଜଣ ଯୁବକ ବିପରୀତ ଦିଗରୁ ଆସୁଥିବା



ବେଳେ ଚେକିଂକୁ ଦେଖି ଫେରାର ହୋଇଥିଲେ । ପୁଲିସର ସନ୍ଦେହ ହେବାରୁ ବାଇକ୍‌ର ପିଛା କରି ସଞ୍ଜୟଙ୍କୁ କାବୁ କରିବା ସହ ବନ୍ଧୁକ ଜବତ କରିଥିଲେ । ପରେ ତାକୁ ପଚରା ଉଚରାବେଳେ ସେ ଶିକାର ଲାଗି ଯାଉଥିବା ମାନିଥିଲା । ଏହି ହାତ ତିଆରି ଦେଶୀ ବନ୍ଧୁକଟି କେଉଁ କାମରେ ଲଗାଉଥିଲା ଏବଂ ବିନା ପଞ୍ଜିକୃତରେ ବେଆଇନ ଭାବେ କାହିଁକି ପାଖରେ ରଖିଥିଲା ଓ କେଉଁଦିଗରେ ବ୍ୟବହାର କରୁଥିଲା ତାହାର ପ୍ରକୃତ ତଥ୍ୟ ଜଣାପଡ଼ିନାହିଁ । ଏପଟେ ଫେରାର ଥିବା ଅନ୍ୟ ଦୁଇ ଯୁବକ ଧରାପଡ଼ିବା ପରେ ସବିଶେଷ ତଥ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ ଶ୍ରୀ ସିଂ କହିଥିଲେ । ପାଟ୍ରୋଲିଂ ସମୟରେ ଏଏସଆଇ ବ୍ରହ୍ମାନନ୍ଦ ପ୍ରଧାନ, ଏଏସଆଇ ମଦନ ମୋହନ ମହାପାତ୍ର, କନେଷ୍ଟବଲ ଉମା ଶଙ୍କର ବେହେରା, ସେବତୀ ପ୍ରଧାନ, ଦାମଦୋର ମଣ୍ଡଳ, ଜୁଡ଼ିଆଲ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ଦୋକାନରେ ଫାଟିଲା ଗ୍ୟାସ୍ ସିଲିଣ୍ଡର

**ସାନଖେମୁଣ୍ଡି, ୪ ।୩(ସମିସ):** ପାଟପୁର ଥାନା ନିକଟରେ ଥିବା ମା' ଭୈରବୀ ଜଳଖିଆ ଦୋକାନରେ ସୋମବାର ଏକ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିଛି । ହେଲେ ଦୋକାନ ମାଲିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ହୋଟେଲ ମାଲିକ ବଳରାମ ସାହୁ ନିଜ ଦୋକାନରେ ମିଠା ପ୍ରସ୍ତୁତି କରୁଥିବା ବେଳେ ହଠାତ୍ ଗ୍ୟାସ୍ ପାଇପରେ ନିଆଁ ଲାଗି ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା । ଏହା ଦେଖି ଦୋକାନୀ ମାଲିକ ପାଟି କରିବାରୁ କିଛି ଯୁବକ ପହଞ୍ଚି ଅଖା ପକାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ଲିଭି ନ ଥିଲା । କିଛି ସମୟ ନିଆଁ ଲାଗିବା ପରେ ସିଲିଣ୍ଡର ବିସ୍ଫୋରଣ ଘଟି



ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଏପରିକି ସିଲିଣ୍ଡର ଖଣ୍ଡ ବିଖଣ୍ଡିତ ହୋଇ ବହୁ ଦୂରକୁ ଯାଇ ପଡ଼ିଥିଲା । ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଉକ୍ତ ଜଳଖିଆ ଦୋକାନରେ ପ୍ରାୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜିନିଷପତ୍ର ଜଳି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି

**ଛତ୍ରପୁର, ୪ ।୩(ସମିସ):** ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଓ ଗଞ୍ଜାମ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଯାଇଛି । ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକେ ଯୋଗଦେଇ ସେମାନଙ୍କ ଅଭିଯୋଗଗୁଡିକ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଭେଟି ଅବଗତ କରାଇଛନ୍ତି । ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ ଭଳି ବିଭିନ୍ନ ସାମୂହିକ ଅଭିଯୋଗ ରହିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଓ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଉପସ୍ଥିତ ରହି ୧୯୬ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରୁ ୧୮ ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୭୮ ଟି ସାମୂହିକ ଅଭିଯୋଗ ରହିଛି । କେତେକ ଅଭିଯୋଗଗୁଡ଼ିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ନାରୀଶକ୍ତି ବନ୍ଦନ ଯାତ୍ରା

**ଦିଗପହଣ୍ଡି, ୪ ।୩(ସମିସ):** ବିଜେପି ପକ୍ଷରୁ ଦିଗପହଣ୍ଡିରେ ନାରୀ ଶକ୍ତି ବନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ଯୋଗୀ ଦେବଦତ୍ତ ମହାରାଜଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଏକ ବିରାଟ ପଟୁଆରରେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ନଗର ପରିକ୍ରମା କରିଥିଲେ । ନାରୀ ସଶକ୍ତୀକରଣ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ଡ.ସୁବାସ ସାହୁ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଜନନ୍ଦ ବିଶ୍ୱାଳ, ବିଜେପି ଜିଲ୍ଲା କମିଟି ଉପସଭାପତି ପରେଶ ଚନ୍ଦ୍ର ରଥ, ବର୍ଷା ବିଦୁସ୍ମିତା, ମୋନିକା ପ୍ରହରାଜ, ପ୍ରେମ ସିଲା, ଭବାନୀ ଶଙ୍କର ପଣ୍ଡା, ପ୍ରଶାନ୍ତ ପୂଜାରୀ ଓ ଗୋପାଳ ମେକାପ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ ।

## ଟିକାବାଲିରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଟିକାବାଲି, ୪।୩(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରେ ଟିକାବାଲି ୮ ନଂ ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡ଼ା, ଜିଲ୍ଲା କଂଗ୍ରେସ ଉପସଭାପତି ସୁନୀଲ କୁମାର ଭୋଇ, ଘୁ.ଉଦୟଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ଭିଏଲଏ ପ୍ରଫୁଲ କୁମାର ଦାସ, ଟିକାବାଲି ବ୍ଲକ କଂଗ୍ରେସ ସଭାପତି ଗୋକୁଳ ପ୍ରଧାନ, ଟିକାବାଲି ଜୋନ୍ କଂଗ୍ରେସ ସଭାପତି ପ୍ରକାଶ କହଁର, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର କନ୍ଧମାଳ ସଭାପତି ପ୍ରତାପ ପ୍ରଧାନ ଯୋଗ ଦେଇଥିଲେ । ଟିକାବାଲି ଜୋନ୍‌ସ୍ତରୀୟ ପ୍ରାୟ ସମସ୍ତ ବୁଥରୁ ଦୁଇରୁ ୪ ଜଣ ଲେଖାଏଁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ତୃଣମୂଳସ୍ତରରେ ସଂଗଠନ ମଜଭୁତ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ସାମଗ୍ରୀ ବିତରଣ ଉତ୍ସବ

**ଫୁଲବାଣୀ, ୪।୩(ସମିସ):** ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ସ୍ଥାନୀୟ କରୋନେସନ ପଡ଼ିଆରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ସାମଗ୍ରୀ ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମୁଦାୟ ୧୭୧ଟି ପଞ୍ଚାୟତରୁ ୧୩୬୮ ଜନଜାତି କ୍ରୀଡ଼ା ଅନୁଷ୍ଠାନକୁ ଏହି କ୍ରୀଡ଼ା ସାମଗ୍ରୀ ବିତରଣ କରାଯାଇଛି । ବିଶେଷ କରି କ୍ରିକେଟ୍, ଭଲିବଲ୍, ଫୁଟ୍‌ବଲ୍, ବ୍ୟାଡ୍‌ମିଣ୍ଟନ୍, ଚେସ୍ ଓ କ୍ୟାରମ୍ ଆଦି ୬ ଖେଳକୁ ପ୍ରାଧାନ୍ୟ ଦିଆଯାଇଥିବା ଜଣାପଡ଼ିଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ଡ.ଅଚ୍ୟୁତ ସାମନ୍ତ ଯୋଗଦେଇ ଏବେ ପାଠ ସହିତ ଖେଳକୁ କିପରି ପ୍ରାଧାନ୍ୟ ଦିଆଯାଉଛି ଏବଂ କାହିଁକି ପ୍ରାଧାନ୍ୟ ଦିଆଯିବା ଉଚିତ୍ ତା'ଉପରେ ଆଲୋଚନା କରିଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ବକ୍ତବ୍ୟ ରଖିଥିଲେ । ଆଜିର ଏହି ବିତରଣ ଉତ୍ସବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନଳିନୀ କହଁର, ସଦସ୍ୟ ଭଜମନ ପ୍ରଧାନ, ଲାଲ୍‌ନନ୍ଦ କହଁର ଏବଂ ସଦସ୍ୟା ସୌଦାମିନୀ କହଁର, ସ୍ୱର୍ଣ୍ଣଲତା କହଁର ଓ ସୁଜାତା କହଁରଙ୍କ ସମେତ ଜନପ୍ରତିନିଧି, ଜନଜାତି କ୍ରୀଡ଼ା ଅନୁଷ୍ଠାନର ପିଲାମାନେ, ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ ।

## ଦେଶପ୍ରେମୀ ଦେବରାଜଙ୍କ ସ୍ମୃତିଚାରଣ ସଭା

**ଭଞ୍ଜନଗର, ୪ ।୩(ସମିସ):** ଦେଶଭକ୍ତ ସାଇ ଦେବରାଜ ସ୍ୱାଇଁଙ୍କ ଦ୍ୱାଦଶ ଦିବସ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ସାଇ ସେବକ ଆସି ଦେବରାଜଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ୧୯୪୪ ଜୁଲାଇ ୧ ତାରିଖରେ ଜନ୍ମଗ୍ରହଣ କରିଥିବା ଦେବରାଜ ସ୍ୱାଇଁ ଗତ ଫେବୃଆରୀ ୨୨ ତାରିଖ ଦିନ ୮୦ ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି । ଭଞ୍ଜନଗର ଲଣ୍ଡେଇସାହିର ସେ ସ୍ଥାୟୀ ବାସିନ୍ଦା ଥିଲେ । ସେ ଭାରତୀୟ ସେନାରେ କାର୍ଯ୍ୟ କରି ଅନେକ ମେଡାଲ ପ୍ରାପ୍ତ କରିଛନ୍ତି । ସେ ଏକାଧାରରେ ଜଣେ ଦେଶପ୍ରେମୀ, ସାଇ ସେବକ, ମେକାନିକାଲ ଇଞ୍ଜିନିୟର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୨୦୦୩ ମସିହାରେ ଅବସର ନେବା ପରେ ସାଇ ସେବକ ଭାବେ ବିଭିନ୍ନ ସ୍ଥାନରେ ସେବା କାର୍ଯ୍ୟ ଶେଷ କାଳ ପର୍ଯ୍ୟନ୍ତ ଜାରି ରଖିଥିଲେ । ନିଜ ଦୁଇ ପୁଅ ପ୍ରଦୀପ ସ୍ୱାଇଁ ଓ ପ୍ରତାପ ସ୍ୱାଇଁଙ୍କୁ ଜୀବନରେ ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ଶିକ୍ଷା ଦେବାସହ ମାନବ ସେବା ହିଁ ମାଧବ ସେବା ଶିଖାଇଛନ୍ତି । ତାଙ୍କର ଦୁଇ ସୁପୁତ୍ର ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ତାଙ୍କ ବାସଭବନଠାରେ ଉପସ୍ଥିତ ରହି ସ୍ୱର୍ଗତ ସ୍ୱାଇଁଙ୍କ ବିଭିନ୍ନ ସ୍ମୃତିକୁ ମନେପକାଇବା ସହ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ପଦାରେ ପଡ଼ିଲା କଂଗ୍ରେସର ଗୋଷ୍ଠୀ କନ୍ଦଳ, ଧରାପଡ଼ିଲା ପୋଷ୍ଟର ଚିରା ଅଭିଯୁକ୍ତ

**ବ୍ରହ୍ମପୁର, ୪ ।୩(ସମିସ):** ପଦାରେ ପଡ଼ିଲା କଂଗ୍ରେସର ଦଳୀୟ ଗୋଷ୍ଠୀ କନ୍ଦଳ । ଧରାପଡ଼ିଲା ପୋଷ୍ଟର ଚିରା ଅଭିଯୁକ୍ତ । ସ୍ଥାନୀୟ ବାପୁଜୀ ଆଶ୍ରମ ତଥା କଂଗ୍ରେସ କାର୍ଯ୍ୟାଳୟର ଛାତରେ ଲାଗିଥିବା ପୋଷ୍ଟରକୁ ଚିରିଥିବା ଯୁବକଙ୍କୁ ପୁଲିସ ଚିହ୍ନଟ କରିଛି । ଯୁବକ ଜଣକ ଜିଲ୍ଲା କଂଗ୍ରେସର ସଭ୍ୟ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି । କଂଗ୍ରେସ ଦଳର ଜାତୀୟସ୍ତରର ନେତା, ପ୍ରଦେଶ କଂଗ୍ରେସ ସଭାପତିଙ୍କ ସହ ଗଞ୍ଜାମ ଜିଲ୍ଲା ପୂର୍ବାଞ୍ଚଳ ସଭାପତି ଦୀପକ ପଟ୍ଟନାୟକଙ୍କ ଫୋଟ ଥିବା ଏକ ପୋଷ୍ଟର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଛାତରେ ଲାଗିଥିବା ବେଳେ କିଛିଦିନ ପୂର୍ବେ କେହି ଦୁର୍ବୃତ୍ତ ତାହା ଚିରି ଦେଇଥିବା ନେଇ ବ୍ରହ୍ମପୁର ଟାଉନଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ସଂପୃକ୍ତ ଅଂଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ବେଳେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି । ପୁଲିସ ଉକ୍ତ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିବା ସହ ତାଗିଦ କରି ଛାଡି ଦେଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ । କିଛିଦିନ ପୂର୍ବେ ଦଳରେ ହୋଇଥିବା ଜିଲ୍ଲା କଂଗ୍ରେସ କମିଟି ସଭାପତି ପଦ ଚୟନରେ ଅସନ୍ତୁଷ୍ଟ ଥିବା କିଛି ନେତା ଓ କର୍ମୀ ଏଭଳି କାଣ୍ଡ ଘଟାଇଥିବା ସହରରେ ଚର୍ଚ୍ଚା ହେଉଛି ।

## ଘୁମୁସର ଗାନ୍ଧୀ ଦୀନବନ୍ଧୁ ବେହେରାଙ୍କ ଜୟନ୍ତୀ




**ବେଲଗୁଣ୍ଠା, ୪ ।୩(ସମିସ):** ଘୁମୁସରର ପ୍ରାଚୀନ ରାଜଧାନୀ ଜୟନ୍ତୀଗଡ଼ ନିକଟସ୍ଥ ପବିତ୍ର ରଘୁନାଥ ସ୍ୱାମୀଙ୍କ ପୀଠ ନେଟଙ୍ଗାସ୍ଥିତ ରତ୍ନପୁରଠାରେ ଘୁମୁସର ଗାନ୍ଧୀ ଦୀନବନ୍ଧୁ ବେହେରାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ହେବା ସହ ଭବନ ସମ୍ମୁଖରେ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ସଂଗଠକ ପଞ୍ଚାନନ ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀନବନ୍ଧୁ ବେହେରାଙ୍କ କୃତିତ୍ୱ ତଥା କାର୍ଯ୍ୟାବଳୀ ବିଷୟରେ ଆଲୋକପାତ କରିଥିଲେ । ଘୁମୁସରର ବିଶିଷ୍ଟ କୃଷି ବିଶାରଦ ରାଜେନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା, ଘୁମୁସର ବିକାଶ ପରିଷଦର ସଭାପତି ସୋମନାଥ ନାୟକ ଏବଂ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ଅଧ୍ୟକ୍ଷ ଶିବରାମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଘୁମୁସର ଗାନ୍ଧୀ ଦୀନବନ୍ଧୁ ବେହେରାଙ୍କ ଦ୍ୱାରା ଘୁମୁସରରେ ସ୍ଥାପିତ ହେଇଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମେଧାବୀ ଓ ଗରିବ ଛାତ୍ରଛାତ୍ରୀ, ବେଲଗୁଣ୍ଠା ବ୍ଲକର ୧୦ ଜଣ ସରପଞ୍ଚ ଓ ୧୫ ଜଣ ଆଦର୍ଶ କୃଷକଙ୍କୁ ଏବଂ ନେଟଙ୍ଗା, ରତ୍ନପୁର ଓ କୁମ୍ଭାରସାହିର ସଂକୀର୍ତ୍ତନ ଦଳକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଦୀନବନ୍ଧୁ ବେହେରାଙ୍କ କନିଷ୍ଠ ପୁତ୍ର ଅସୀମ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଦାବିନେଇ ଆଦିବାସୀଙ୍କ ବିକ୍ଷୋଭ




**ସୋରଡ଼ା, ୪ ।୩(ସମିସ):** ଗଞ୍ଜାମ ଜିଲ୍ଲା ସୋରଡା ବ୍ଲକର ଭୂମି ଓ ବାସହୀନଙ୍କୁ ଜମିର ଅଧିକାର ଦେବା, ଭାଗଚାଷୀ ପ୍ରମାଣପତ୍ର ଦେବା, ଜଙ୍ଗଲବାସୀଙ୍କୁ ଜଙ୍ଗଲ ଅଧିକାର ଦେବା, ପ୍ରସ୍ତାବିତ ପିପଲପଙ୍କା ନଦୀ ଡ୍ୟାମ ବାତିଲ କରିବା, ପିଇବା ପାଣି, ପକ୍କା ରାସ୍ତା, ଆବାସ ଘର ଆଦି ଯୋଗାଇ ଦେବା ଦାବିରେ ଚାଷୀ ମୂଲିଆ ସଂଘ, ଓଡ଼ିଶା ଏଆଇକେଏମକେଏସ୍‌ର ବ୍ଲକ କମିଟିର ଆହ୍ୱାନରେ କୈଳାସ ମଲ୍ଲିକ ଓ ପ୍ରଶାନ୍ତ ମଲିକଙ୍କ ନେତୃତ୍ୱରେ ବରାଡ଼ି ନୂଆଁ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ତହସିଲ ଓ ବିଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ବିକ୍ଷୋଭରେ ରାଜ୍ୟ କମିଟିର ନିରାକାର ନାୟକ ଯୋଗଦେଇ ବକ୍ତବ୍ୟରେ କହିଥିଲେ କେନ୍ଦ୍ର ସରକାର ଚାଷୀ, ଆଦିବାସୀ ଓ ଦଳିତ ବିରୋଧୀ କାର୍ଯ୍ୟ କରୁଛନ୍ତି । ପୁଞ୍ଜିପତି କର୍ପୋରେଟ ମାନଙ୍କ ପାଇଁ ଜମି ପାଣି ଅଛି; କିନ୍ତୁ ଚାଷୀମାନଙ୍କ ପାଇଁ ନାହିଁ ବୋଲି ଚେତେଇ ଦେଇଥିଲେ । ଏଥିରେ ଶହ ଶହ ଭୂମିହୀନ ଦଳିତ ଓ ଆଦିବାସୀ ସାମିଲ ହୋଇଥିଲେ ।

# ଟିପିଏସ୍‌ଓଡିଏଲ୍‌ର ରାଷ୍ଟ୍ରୀୟ ସୁରକ୍ଷା ଦିବସ

**ଭଞ୍ଜନଗର, ୪ ।୩(ସମିସ):** ଦକ୍ଷିଣାଞ୍ଚଳ ଓଡ଼ିଶା ବିଦ୍ୟୁତ ବିତରଣ ଲିମିଟେଡ (ଟିପିଏସଓଡିଏଲ) ଭଞ୍ଜନଗର ଡିଭିଜନ ପକ୍ଷରୁ ୫୩ତମ ରାଷ୍ଟ୍ରୀୟ ସୁରକ୍ଷା ଦିବସ ଓ ଲାଇନ ମ୍ୟାନ ଦିବସ ପାଳନ କରାଯାଇଛି । ଏଥିରେ ସର୍କଲ ମୁଖ୍ୟ ଅଭିଜିତ ପାଢ଼ୀ, ଡିଭିଜନ ମୁଖ୍ୟ ଜଗତଜିତ ଦାସ ମହାପାତ୍ର, ଏସଡିଓ ମନୋଜ ସାହୁ, ଶଙ୍କର ପ୍ରସାଦ ସିଂ, ସେକ୍ସନ ମୁଖ୍ୟ ଦୀପ୍ତିଶ ରଞ୍ଜନ ବରାଳ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଅଧୀକ୍ଷଣ ଯନ୍ତ୍ରୀ ଅଭିଜିତ ପାଢ଼ୀ ରାଷ୍ଟ୍ରୀୟ ସୁରକ୍ଷା ଦିବସର ପତାକା ଉତ୍ତୋଳନ କରିଥିଲେ । ସୁରକ୍ଷା ନିୟମ ମାନିବାକୁ ନେଇ ଲାଇନ୍ ମ୍ୟାନମାନେ ମଧ୍ୟ ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ । ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେବା ସହ ଏହି ସୁରକ୍ଷା ମାସ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନିୟମିତ ଲାଇନ ମ୍ୟାନମାନଙ୍କ ଦ୍ୱାରା ଏକ ନାଟକ ପରିବେଷଣ କରାଯାଇଥିଲା । ଏଥିରେ ବ୍ୟବସାୟିକ ସହଯୋଗୀ, ଟିପିଏସ୍‌ଓଡିଏଲର ସମସ୍ତ କର୍ମଚାରୀ, ଲାଇନ ମ୍ୟାନମାନେ ଉପସ୍ଥିତ ଥିଲେ ।



# ବସ୍‌ଷ୍ଟାଣ୍ଡରେ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ




**ରାଇକିଆ, ୪ ।୩(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ଏକ ଗୋଷ୍ଠୀ ଶୌଚାଳୟକୁ ସରପଞ୍ଚ ଗୀତାଞ୍ଜଳି ନାୟକ ଉଦ୍‌ଘାଟନ କରିଛନ୍ତି । ବସ୍‌ଷ୍ଟାଣ୍ଡକୁ ପ୍ରତିଦିନ ବହୁ ଯାତ୍ରୀଙ୍କ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯିବାଆସିବା ପାଇଁ ସମାଗମ ହୋଇଥାଏ । ଯାତ୍ରୀଙ୍କ ସୁବିଧା ଦୃଷ୍ଟିକୁ ରଖି ପଞ୍ଚାୟତ ତରଫରୁ ସର୍ବସାଧାରଣଙ୍କ ପାଇଁ ଏକ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ନିଥୟଲ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକ, ୱାର୍ଡସଭ୍ୟଙ୍କ ସହ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଏବଂ ଯାତ୍ରୀ ରାଇକିଆ ସରପଞ୍ଚ ଶ୍ରୀମତୀ ନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ବୃଦ୍ଧଙ୍କ ପତ୍ତା ମିଳୁନି

**ରମ୍ଭା, ୪ ।୩(ସମିସ):** ରମ୍ଭା ଏନ୍‌ଏସି ମିଞ୍ଚିନିପାଟଣାସ୍ଥିତ ୧୨ ନମ୍ବର ୱାର୍ଡର ସି. ତ୍ରିନାଥ ପାତ୍ର(୮୦) ପାଞ୍ଚ ମାସ ହେଲା କୁଆଡ଼େ ଚାଲିଯାଇଛନ୍ତି ବୋଲି ତାଙ୍କ ପୁଅ ସି. ଜଗା ପାତ୍ର ପ୍ରକାଶ କରିଛନ୍ତି । ଗତ ୧୭.୧୦.୨୩ରେ ରମ୍ଭା ଥାନାରେ ଏତଲା ଦିଆଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ବୃଦ୍ଧଙ୍କ କୌଣସି ଖୋଜ ଖବର ମିଳିନାହିଁ । କୌଣସି ସହୃଦୟ ବ୍ୟକ୍ତି ପାଇଲେ ତୁରନ୍ତ ରମ୍ଭା ଥାନାକୁ ଜଣାଇବା ସହ ମୋବାଇଲ ନମ୍ବର-୯୧୭୮୫୩୪୭୭୯/ ୬୩୭୦୦୪୦୭୩୭ରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି ।




# ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି

**ସାନଖେମୁଣ୍ଡି, ୪ ।୩(ସମିସ)**

ସାନଖେମୁଣ୍ଡି ବ୍ଲକ ପରିସରରେ ମନରେଗା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲାଣ, ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଉପାଧ୍ୟକ୍ଷା ରିଙ୍କି ନାୟକ, ବ୍ଲକ ସାମାଜିକ ସମୀକ୍ଷକ ଅରୁଣ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହା ସହ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ସମସ୍ତ ସରପଞ୍ଚ, ସମସ୍ତ ସମିତିସଭ୍ୟ, ଏମ୍‌ଆଇ ସେକ୍ସନ୍, ଆଇସିଡିଏସ୍ ସେକ୍ସନ୍ ଏବଂ ବିଏସ୍‌ଏସ୍‌ଓ ସେକ୍ସନ୍‌ର ସମସ୍ତ କର୍ମଚାରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ଜିଆରଏସ୍, ପିଇଓ ଏବଂ ବ୍ଲକର ସମସ୍ତ କର୍ମଚାରୀ ୨୦୨୩-୨୪ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଅବଧି ୧ ଏପ୍ରିଲଠାରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ । ୩୬୪୭ ଜଣ ଜବ୍‌କାର୍ଡଧାରୀଙ୍କ ୧୦୦ ଦିନର ଶ୍ରମ ଦିବସ ପୂରଣ ହୋଇଛି । କନିଷ୍ଠ ଯନ୍ତ୍ରୀ ଏବଂ ବିଭାଗୀୟ କର୍ମଚାରୀମାନେ ପଞ୍ଚାୟତ ୱାରୀ ହୋଇଥିବା ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ଉପସ୍ଥାପନ କରିଥିଲେ । ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବା ସହିତ ଅଧପନ୍ତରିଆ ହୋଇ ପଡ଼ିଥିବା କାର୍ଯ୍ୟକ୍ରମଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ପାଇଁ ଶିବିରରେ ଆଲୋଚନା ହୋଇଥିଲା । ଏଥିସହ ମନରେଗା କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଅବଲମ୍ବନ କରି ବ୍ଲକ ଶିକ୍ଷା, ସାମାଜିକ ସୁରକ୍ଷା, ଜଳସେଚନ, ଗ୍ରାମ୍ୟ ସଡ଼କ, କୃଷି, ପାନୀୟ ଜଳ, ଗ୍ରାମ୍ୟ ଉଦ୍ୟାନ ଆଦି କାର୍ଯ୍ୟକ୍ରମଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମାପ୍ତ କରିବା ପାଇଁ ବିଡିଓ ଶ୍ରୀ ମିଶ୍ର ଅଧିକାରୀ ତଥା କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ।




ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆପଣ ଆଜି ଆମ ଗହଣରେ ନାହାନ୍ତି, ଏ କଥା ଯେତିକି ବିଶ୍ୱାସ ହେଉନି ସେତିକି ଭାବି ହେଉନି ଯେ, ଆପଣଙ୍କର ସ୍ନେହବୋଳା ସମ୍ବୋଧନ ଟିକେ ଶୁଣିବାକୁ ଆଉ ମିଳିବନି । ସେପାରିରେ ଥାଇ ଆପଣ ନିଶ୍ଚିତ ଦେଖି ପାରୁଥିବେ ଏଠିକାର ମାଟି ଗୋଡ଼ି, ପାଣି ପବନ ସବେ ଯେମିତି କିଛି ଗୋଟେ ହରେଇ ଥିବାର ସୂଚନା ଦେଉଛନ୍ତି । ଆପଣଙ୍କ ଅଧୁରା କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ସେପାରିରେ ଥାଇ ଆମକୁ ପଥ ପ୍ରଦର୍ଶନ କରି ଆଶୀର୍ବାଦ କରୁଥାନ୍ତୁ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଛୁ, ସେ ଆପଣଙ୍କ ମହାନ୍ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ।

✓ ନୟନ ରଞ୍ଜନ ମହାନ୍ତି
ଆବିର୍ଭାବ: ୦୬.୦୨.୧୯୩୨ । ତିରୋଧାନ: ୨୪.୦୨.୨୦୨୪
ବଡମଙ୍ଗଳପୁର, ଧର୍ମଶାଳା, ଯାଜପୁର

ଶୋକସନ୍ତପ୍ତ :- ପୁଅ, ବୋହୂ: ମନୋରଞ୍ଜନ - ଜ୍ୟୋତିଆଭା, ନାରାୟଣ-ଉର୍ବଶୀ, ଝିଅ, ଜ୍ୱାଇଁ : ପ୍ରଭାମୟୀ-ପ୍ରମୋଦ, ଚିନ୍ମୟୀ-ଲକ୍ଷ୍ମୀନାରାୟଣ, ନାତି, ନାତୁଣୀ : ଶାଶ୍ୱତ, ଅଶ୍ୱାସନା, ଉପାସନା, ଅରୁନ୍ଧତୀ, ଇନ୍ଦୁମତି, ପଦ୍ମନାଭ, ପ୍ରଭୁଦତ୍ତ, ଦେବଦତ୍ତ, ଉଦିତନାରାୟଣ, ନମସ୍ୟା, ବନ୍ଧୁ ଓ ପରିବାରବର୍ଗ

# ଏଆଇଡିଏସ୍‌ଓର ବିକ୍ଷୋଭ




**ବ୍ରହ୍ମପୁର, ୪।୩(ସମିସ):** ଏଆଇଡ଼ିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ଜିଲ୍ଲାଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ଅନଲାଇନରେ ସ୍କୁଲକୁ ପଠାଇବା ନିଷ୍ପତ୍ତି ପ୍ରତିବାଦରେ ଏଠାରେ ବିକ୍ଷୋଭ କରାଯାଇଥିଲା। ଚଳିତ ବର୍ଷ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ବୋର୍ଡ କର୍ତ୍ତୃପକ୍ଷ ମାର୍ଚ୍ଚ ୬ ରୁ ୧୩ ମଧ୍ୟରେ କରିବା ପାଇଁ ଘୋଷଣା କରିଛନ୍ତି। ଏଥି ନିମନ୍ତେ ଅନଲାଇନ ମାଧ୍ୟମରେ ସ୍କୁଲକୁ ପ୍ରଶ୍ନପତ୍ର ପଠାଯିବ ଓ ଏହାକୁ ବୋର୍ଡ ୱେବସାଇଟରୁ ବିଦ୍ୟାଳୟର ୟୁଜର ଆଇଡି ଲଗଇନ୍ କରି ସକାଳ ୭ଟା ରୁ ୯ଟା ମଧ୍ୟରେ ଡାଉନଲୋଡ଼ କରିବା ପରେ ଜେରକ୍ସ କରି ପରୀକ୍ଷା କରିବା ପାଇଁ ବୋର୍ଡ ତରଫରୁ ସୂଚନା ଦିଆଯାଇଛି। ଏନେଇ ଏଆଇଡ଼ିଏସଓ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବିଦ୍ୟୁତ ସରବରାହ ସମସ୍ୟା, ଇଣ୍ଟରନେଟର ସମସ୍ୟାର ସମାଧାନ ହୋଇ ପାରିନି। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଧ୍ୟ ଇଣ୍ଟରନେଟର ସମସ୍ୟା ଲାଗିରହିଛି। କୋରନା କାଳରେ ଏହାର ନଜିର ରହିଛି, କେଉଁଭଳି ଭାବରେ ଛାତ୍ରଛାତ୍ରୀ ଅନଲାଇନ କ୍ଲାସ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫଳତଃ ସଠିକ ସମୟରେ ପ୍ରଶ୍ନପତ୍ର ଡାଉନଲୋଡ଼ ଓ ପ୍ରିଣ୍ଟ ନ ହୋଇପାରିବା ଯୋଗୁଁ ପରୀକ୍ଷା ବ୍ୟବସ୍ଥାରେ ନିଶ୍ଚିତ ଭାବରେ ବିଭ୍ରାଟ ସୃଷ୍ଟି ହେବ ବୋଲି ଏଠାରେ କୁହାଯାଇଛି। ତେଣୁ ଅନଲାଇନରେ ପ୍ରଶ୍ନପତ୍ର ପଠାଇବା ନିଷ୍ପତି ବାତିଲ କରିବାକୁ ଏଆଇଡ଼ିଏସଓ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁଙ୍କ ସମେତ କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହି, କାମରାଜ ସାହୁ, ଆଦି ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିର୍ବାଚନ ପାଇଁ ବ୍ରହ୍ମପୁର ପୁଲିସର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

- ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୮୯୦ରୁ ଅଧିକ ବୁଥ ମଧ୍ୟରୁ ୧୮୦ଟି ସମ୍ବେଦନଶୀଳ
- ୨୩୬୭ଜଣଙ୍କୁ ଜାରି ହୋଇଛି ୧୦୭ ଓ ୧୧୦ସିଆରପିସି ନୋଟିସ: ଏସପି
- ପଡୋଶୀ ଆନ୍ଧ୍ର ଓ ଗଞ୍ଜାମ ପ୍ରଶାସନ ମଧ୍ୟରେ ସରିଛି ସମନ୍ୱୟ ବୈଠକ
- ଚିହ୍ନଟ ସୀମାନ୍ତ ୬ଟି ସ୍ଥାନରେ ରହିବ ୨୪ଘଣ୍ଟିଆ ପହରା ଓ ତନଖି
- ବ୍ରହ୍ମପୁରରେ ପହଞ୍ଚିବେ କେନ୍ଦ୍ରୀୟ ସୁରକ୍ଷାବଳ

**ବ୍ରହ୍ମପୁର, ୪।୩(ସମିସ)**

ଆଗକୁ ସାଧାରଣ ନିର୍ବାଚନ ୨୦୨୪। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଯେପରି ଶାନ୍ତିଶୃଙ୍ଖଳାରେ ନିର୍ବାଚନ ସମ୍ପନ୍ନ ହେବ ତାହା ଉପରେ ପୁଲିସ ଗୁରୁତ୍ୱ ଦେଉଛି। ଆଇନଶୃଙ୍ଖଳା ଯେଭଳି ଭଙ୍ଗ ନହୁଏ, ସେଥିପ୍ରତି ପୁଲିସ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ଚଳିତ ନିର୍ବାଚନ ପାଇଁ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାୟ ୮୯୦ରୁ ଅଧିକ ବୁଥ ଚିହ୍ନଟ କରାଯାଇଛି। ଚିହ୍ନଟ ବୁଥ ମଧ୍ୟରୁ ୧୮୦ଟି ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ଆଗକୁ ଏହି ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି। ଗୋପାଳପୁର, ଗୋଳନ୍ଥରା, ଦିଗପହଣ୍ଡି, ସଦର ସମେତ ୫ଟି ଥାନା ଅଞ୍ଚଳ ସମେତ ଏକାଧିକ ସ୍ଥାନରେ ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ ହୋଇଛି। ଗତ ସାଧାରଣ ନିର୍ବାଚନ ଅପେକ୍ଷା ଚଳିତବର୍ଷ ସମ୍ବେଦନଶୀଳ ବୁଥ ସଂଖ୍ୟା ବୃଦ୍ଧି ପାଇଛି। ନିର୍ବାଚନ ଯେତେ ପାଖେଇ ଆସିବ ଏହି ସଂଖ୍ୟା ସେତେ ବଢ଼ିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଆଗାମୀ ନିର୍ବାଚନକୁ ନେଇ ପୁଲିସ ପକ୍ଷରୁ ପ୍ରସ୍ତୁତ ହୋଇଛି ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ। ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ(ସିଏସପିଏଫ) ଇତିମଧ୍ୟରେ ଓଡ଼ିଶାରେ ପହଁଚି ସାରିଛି। ସେଥିମଧ୍ୟରୁ କିଛି ସିଏସପିଏଫ ଟିମ ଆସନ୍ତା ୧୫ତାରିଖ ସୁଦ୍ଧା ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ଆସିବେ ବୋଲି ଜଣାପଡ଼ିଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୧୮୦ରୁ ଅଧିକ ସମ୍ବେଦନଶୀଳ ବୁଥ ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ସିଏସପିଏଫ ଯବାନଙ୍କୁ ମୁତୟନ କରାଯିବ ବୋଲି କହିଛନ୍ତି ବ୍ରହ୍ମପୁର ଏସପି। ଚିହ୍ନଟ ୬ଟି ଆନ୍ତଃରାଜ୍ୟ ସୀମାରେଖା ମଧ୍ୟରୁ ପିତାତଳି, ମେରାଇନ ଥାନା ଇଲାକା, କେ. ନୂଆଗାଁ ତୁମ୍ବା ଫାଣ୍ଡି ଓ ଗିରିସୋଲା ଅନ୍ୟତମ। ଏଠାରେ ସିସିଟିଭି ସଂଯୋଗ ସହିତ ନିୟମିତ ୨୪ଘଣ୍ଟିଆ ପହରା ଓ ତନଖି ଜାରି ରହିବ। ଅନ୍ୟପକ୍ଷରେ ଖୁବଶୀଘ୍ର ବିଭିନ୍ନ ଥାନା ଅଞ୍ଚଳରେ ନାକାବନ୍ଦୀ, ଫ୍ଲାଗ୍ ମାର୍ଚ୍ଚ ଓ ପେଟ୍ରୋଲିଂ ଜୋରଦାର ହେବ ବୋଲି ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ କହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଥିବା ସବୁ ହାର୍ଡକୋର ଅପରାଧୀଙ୍କୁ ଗିରଫ କରାଯିବ। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ଅପରାଧିଙ୍କୁ ବ୍ୟବହାର କରିବାର ଆଶଙ୍କା ରହିଥିବାରୁ ଏଭଳି ଆଗୁଆ ପଦକ୍ଷେପ ଗ୍ରହଣ କରାଯିବାକୁ



ପୁଲିସ ଯୋଜନା ରଖିଛି। ଏନେଇ ସମସ୍ତ ଥାନା ଅଧିକାରୀଙ୍କୁ ଏସପି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ପୁଲିସ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପେଷାଦାର ଅପରାଧିଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୨୩୬୭ଜଣଙ୍କୁ ୧୦୭ସିଆରପିସି ଓ ୧୧୦ସିଆରପିସି ନୋଟିସ ଜାରି କରାଯାଇଛି। ଅଭ୍ୟାସଗତ ଅପରାଧି ବା ଯେଉଁମାନଙ୍କ ନାମରେ ବହୁ ସଙ୍ଗୀନ ମାମଲା ରହିଛି ସେମାନଙ୍କ ବିରୋଧରେ ପୁଲିସ ୧୧୦ ଦଫା ଲଗାଇବ। ସାଧାରଣ ନିର୍ବାଚନକୁ ନେଇ ଏବେ ଠାରୁ ସଜାଗ ରହିଛି ବ୍ରହ୍ମପୁର ପୁଲିସ। ନିର୍ବାଚନ ତାରିଖ ଘୋଷଣା ନହେଉଣୁ ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି ଓ ଚିକିଟି ଆଦି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବେଶ ଅନୁଭବ ହେଲାଣି। ତେବେ ଗତ ଏକବର୍ଷର ଅପରାଧିକ ତଥା ରାଜନୈତିକ ଘଟଣାବଳୀକୁ ଅନୁଧ୍ୟାନ କଲେ ଶାନ୍ତିଶୃଙ୍ଖଳାର ସହ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ବ୍ରହ୍ମପୁର ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ନିଶ୍ଚୟ। ଗତବର୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରଠୁ ଗଞ୍ଜାମ ଜିଲ୍ଲାର ସମସ୍ତ ଥାନା ଇଲାକାରେ ରାଜନୈତିକ ଛକାପଞ୍ଝା ଓ ହିଂସା ଏକ ଚିନ୍ତାଜନକ ପ୍ରସଙ୍ଗ ଭାବେ ଉଭା ହୋଇଛି। ହିଂସା ଓ ସଂଘର୍ଷରେ ଏକାଧିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ମଧ୍ୟ ହୋଇଛନ୍ତି। ଗତବର୍ଷ ରାଜନୈତିକ ହିଂସାରେ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୮ଜଣ ପ୍ରାଣ ହରାଇଥିଲେ। ଆଉ ଏବେବି ପ୍ରତି ପଞ୍ଚାୟତରେ ରାଜନୈତିକ ଗୋଷ୍ଠୀ ବିବାଦ ମୁଣ୍ଡ ଟେକିସାରିଛି। ଫଳରେ ଏଭଳି ପରିସ୍ଥିତିରେ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ ଯାଇ ପୁଲିସ ପକ୍ଷରୁ ବିଭିନ୍ନ ପ୍ରକାରର ଆଗୁଆ ପଦକ୍ଷେପ ନିଆଯାଉଛି। ଖାସ କରି ଅପରାଧିଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଛି।

# ବନ୍ଧୁକ ଲାଇସେନ୍ସଧାରୀଙ୍କ ସମ୍ପର୍କରେ ତଥ୍ୟ ମାଗିଲେ ଏସ୍‌ପି

**ବ୍ରହ୍ମପୁର, ୪।୩(ସମିସ)**



- ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୨୯୭ ଜଣଙ୍କୁ ମିଳିଛି ବନ୍ଧୁକ ଲାଇସେନ୍ସ
- ନିର୍ବାଚନ ଆଚରଣ ବିଧି ଲାଗୁ ହେଲେ ଥାନାରେ ଜିମା ଦେବେ ବନ୍ଧୁକ

ଆଗକୁ ସାଧାରଣ ନିର୍ବାଚନ। ନିରପେକ୍ଷ ଓ ଶୃଙ୍ଖଳିତ ଭାବେ କିଭଳି ନିର୍ବାଚନ ପରିଚାଳନା ହେବ ସେଥିପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିଭଳି ନିର୍ବାଚନ ସମୟରେ ଯେଭଳି କୌଣସି ପ୍ରକାଶ ଆଇନଶୃଙ୍ଖଳା ପରିସ୍ଥିତି ନଉପୁଜେ ସେଥିଲାଗି ଯତ୍ନବାନ ପୁଲିସ ବିଭାଗ। ନିର୍ବାଚନ ପୂର୍ବରୁ ସବୁ ଥାନା ଅଧିକାରୀଙ୍କ ସହ ଯୋଗାଯୋଗରେ ରହିବା ସହ ବିଭିନ୍ନ ବିଷୟ ଉପରେ ନିୟମିତ ସମୀକ୍ଷା କରୁଛନ୍ତି ଏସପି। ସେହିଭଳି କେଉଁ ଥାନାରେ କେତେ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀ ଅଛନ୍ତି ଓ ସେମାନଙ୍କ ସହ ପୁଲିସ ଯୋଗାଯୋଗରେ ଅଛି କିମ୍ବା ନାହିଁ ସେସମ୍ପର୍କରେ ଜିଲ୍ଲାର ସବୁ ଥାନା ଅଧିକାରୀଙ୍କୁ ପଚାରି ବୁଝିଛନ୍ତି ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ୍। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ମୋଟ ୨୯୭ଜଣଙ୍କ ପାଖରେ ରହିଛି ବନ୍ଧୁକ ଲାଇସେନ୍ସ। ନିଜର ବ୍ୟକ୍ତିଗତ ସୁରକ୍ଷା, କ୍ରୀଡ଼ା ଓ ଟାର୍ଗେଟ ଅଭ୍ୟାସ ଏବଂ ବ୍ୟାଙ୍କ୍ ସମ୍ପତ୍ତିର ସୁରକ୍ଷା ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ରିପୋର୍ଟ ଆଧାରରେ ଜିଲ୍ଲାପାଳ ଏହି ବନ୍ଧୁକ ଲାଇସେନ୍ସ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଦୁଇଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବନ୍ଧୁକ ଲାଇସେନ୍ସ ଦିଆଯାଇଛି। ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କ ମଧ୍ୟରେ ବ୍ୟବସାୟୀ, ନେତା, ଓ ପ୍ରତିଷ୍ଠିତ ବ୍ୟକ୍ତି ଓ କିଛି ଏଜେନ୍ସି ଅଧିକାରୀ ଅଛନ୍ତି। ବେଆଇନ ବନ୍ଧୁକ କାରବାର ଦୃଷ୍ଟିକୁ ଆସିଲେ ସେମାନଙ୍କ ବିରୁଦ୍ଧରେ ଆର୍ମସ ଆକ୍ଟ-୧୯୫୯ଧାରା ୨୬/୨୭ରେ ମାମଲା ଦାଏର କରାଯାଏ। ଏହି ଚୋରା ବନ୍ଧୁକ କାରବାର ସମ୍ପର୍କରେ ତଥ୍ୟ ସଂଗ୍ରହ ସହିତ ବେଆଇନ ବନ୍ଧୁକଧାରୀ ତଥା ଚୋରା କାରବାର କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଦାୟିତ୍ୱ ଗ୍ରହଣ କରିବା ପରେ ମାତ୍ର ଦୁଇଜଣ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଲାଇସେନ୍ସପ୍ରାପ୍ତ ସମସ୍ତ ବନ୍ଧୁକଧାରୀଙ୍କୁ ସେମାନଙ୍କ ବନ୍ଧୁକଗୁଡ଼ିକୁ ନିକଟସ୍ଥ ଥାନାରେ ଜିମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସପି ସ୍ପଷ୍ଟ କରିଛନ୍ତି। ଏହି କ୍ଷେତ୍ରରେ କେବଳ ବ୍ୟାଙ୍କ ସୁରକ୍ଷାକର୍ମୀଙ୍କୁ ବାଦ ଦେଇ ଅନ୍ୟସମସ୍ତ ଲାଇସେନ୍ସଧାରୀ ନିଜନିଜ ବନ୍ଧୁକକୁ ଜମି ଦେଇଥାନ୍ତି। ଯଦି କେହି ଏଥିରେ ଖିଲାପ କରନ୍ତି ତେବେ ତୁରନ୍ତ ସମ୍ପୃକ୍ତ ଥାନା ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥାଏ। ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ ସମୟରେ ଅପରାଧୀଗୋଷ୍ଠୀ ଅପରାଧ ପାଇଁ ବିଭିନ୍ନ ପ୍ରକାରର ବନ୍ଧୁକ ବ୍ୟବହାର କରୁଥିବା ନଜିର ରହିଛି। ବନ୍ଧୁକ ମୁନରେ ଲୋକଙ୍କୁ ଭୟଭୀତ କରି ନିଜ ଅପରାଧୀକ ସାମ୍ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଥାନ୍ତି। ବ୍ରହ୍ମପୁର ଜିଲ୍ଲାରେ ପୂର୍ବରୁ ଏଭଳି ବହୁ ଅଭିଯୋଗ ହେଉଥିବା ବେଳେ ଗତ କିଛି ବର୍ଷ ହେଲା ଏହି ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି। ବିଭିନ୍ନ ସମୟରେ ବାଲିମାଫିଆ, ଟେଣ୍ଡର ଫିକ୍‌ସିଂ ଆଦିରେ ଲିପ୍ତ ରହୁଥିବା ଗ୍ୟାଙ୍ଗଷ୍ଟର ଚୋରା ବନ୍ଧୁକ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ପୁଲିସ ତୀକ୍ଷ୍ଣ ନଜର ରଖିଛି। ବନ୍ଧୁକ ଲାଇସେନ୍ସ ମିଳିବା ଏତେଟା ସହଜସାଧ୍ୟ ନଥିବା ବେଳେ ବନ୍ଧୁକକୁ ସଉକ ଭାବେ ମଧ୍ୟ ଅନେକ ରଖିବାକୁ ଚାହିଁଥାନ୍ତି। ଅନଲାଇନ୍ ମାଧ୍ୟମରେ ଚୋରାରେ ସେପୁଣି ସ୍ୱଳ୍ପମୂଲ୍ୟରେ ହାତପାଆନ୍ତାରେ ବନ୍ଧୁକ ଉପଲବ୍ଧ ହେଉଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ସହର ତଥା ସହରତଳି ଇଲାକାରେ ଚୋରାବନ୍ଧୁକ ବ୍ୟବହାର ସଂଖ୍ୟା ବୃଦ୍ଧି ପାଇପାରେ ଲାଗିଛି। ଏଥିପ୍ରତି ପୁଲିସ ଅଧିକ ଯତ୍ନବାନ ହୋଇ ନିୟମିତ ବ୍ୟବଧାନରେ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢଉ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ପରଲୋକ

**ବ୍ରହ୍ମପୁର, ୪।୩(ସମିସ)**



ଓଡ଼ିଶାର ସ୍ୱନାମଧନ୍ୟ ବରିଷ୍ଠ ଶଲ୍ୟଚିକିତ୍ସକ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ଧର୍ମନଗର ବାସଭବନରେ ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାପାତ୍ର ଜଣେ ଛାତ୍ର ନେତା ଭାବେ ବେଶ ପରିଚିତ ଥିଲେ। ସେ ଐତିହାସିକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନ୍ଦୋଳନର କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବେଳେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତି ସରକାର ଘୋଷଣା ନ କଲେ ଆତ୍ମଦାହ କରିବାକୁ ଚେତାବନୀ ଦେଇଥିଲେ। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ। ସେ ବ୍ରହ୍ମପୁର ମେଡିକାଲ କଲେଜର ପ୍ରଥମ ବେଚ ଛାତ୍ର ଥିଲେ। ଛାତ୍ର ସଂସଦର ସଭାପତି ମଧ୍ୟ ରହିଥିଲେ। ଡାକ୍ତର ରୂପେ ଆସିକା, ବ୍ରହ୍ମପୁର ମେଡ଼ିକାଲ କଲେଜ ହସ୍ପିଟାଲ, ଛତ୍ରପୁର ଓ ଖୋର୍ଦ୍ଧା ହସ୍ପିଟାଲରେ ସାଧାରଣ ଲୋକ ତଥା ଗରିବ ଲୋକଙ୍କ ଅତିପ୍ରିୟ ଡାକ୍ତର ରୂପେ ସୁଖ୍ୟାତି ଅର୍ଜନ କରିଥିଲେ। ସେ ହଜାର ହଜାର ରୋଗୀଙ୍କ ଅସ୍ତ୍ରୋପଚାର କରିଥିଲେ ମଧ୍ୟ ଚିକିତ୍ସା ବାବଦରେ କେବେ ବି ରୋଗୀଙ୍କଠାରୁ ଅର୍ଥ ନେଉନଥିଲେ। ସେ ସମାଜବାଦୀ ଆଦର୍ଶରେ ଭାରତବର୍ଷର ବିଶିଷ୍ଟ ସମାଜବାଦୀ ନେତା ରାମ ମନୋହର ଲୋହିଆ, ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ସରଳ ଓ ସଚ୍ଚୋଟ ଜୀବନ ବିତାଉଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱର୍ଗତ ମହାପାତ୍ର ଝାଡ଼ଖଣ୍ଡ ରାଜ୍ୟର ସ୍ୱାସ୍ଥ୍ୟ ପରାମର୍ଶଦାତା ଭାବେ ମନୋନୀତ ହୋଇ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ୧୯୭୭ମସିହାରେ ତାଙ୍କ ଉଦ୍ୟମରେ ଘରୋଇ ଡାକ୍ତରମାନଙ୍କ ଚିକିତ୍ସା ବନ୍ଦ ହୋଇଥିଲା। ଏହା ଏକ ଐତିହାସିକ ପଦକ୍ଷେପ ଥିଲା। ସେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ୧୯୪୧ମସିହାରେ ଜନ୍ମଗ୍ରହଣ କରିଥିଲେ। ଶେଷ ଶଯ୍ୟା ନିକଟରେ ଧର୍ମପତ୍ନୀ ଡ଼ା. ଉଷା ଦାଶ, ଦୁଇ ପୁତ୍ର ବିଶ୍ୱରଞ୍ଜନ, ପ୍ରିୟରଞ୍ଜନ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ସୋମବାର ଶେଷକୃତ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଷଡ଼ଙ୍ଗୀ, ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ନବୀନର ସମ୍ପାଦକ ରବି ରଥ, ଡ଼ା. ନିରାକର ଭଞ୍ଜ, ସମାଜବିଜ୍ଞାନୀ ଭଗବାନ ସାହୁ, ଆଡ଼ଭୋକେଟ ସନ୍ତୋଷ ମହାପାତ୍ର, ରଜନୀକାନ୍ତ ବକ୍ସି, ବରିଷ୍ଠ ସାମ୍ବାଦିକ ନରସିଂହ ସାହୁ, ରେଭେନ୍ସା କଲେଜର ପୂର୍ବତନ ସଭାପତି ଚିତ୍ତରଞ୍ଜନ ମହାନ୍ତି, ବିଧାୟକ ଶଶିଭୂଷଣ ବେହେରା, ହାଇକୋର୍ଟର ବରିଷ୍ଠ ଆଡ଼ଭୋକେଟ ଶିଶିର ଦାସ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଚନ୍ଦ୍ରଧ୍ୱଜ ସାହୁ, ଅଧ୍ୟାପକ ବିଜୟ ମିଶ୍ର, ଅନନ୍ତରାମ କର କୌଣ୍ଡନ୍ୟ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ସାହୁ, ପ୍ରକାଶ ପାଣିଗ୍ରାହୀଙ୍କ ସମେତ ଲୋହିୟା ଏକାଡ଼େମୀ କର୍ମକର୍ତ୍ତା ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଦକ୍ଷିଣାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ-ନିର୍ଦ୍ଦେଶକଙ୍କ ଯୋଗଦାନ

**ବ୍ରହ୍ମପୁର, ୪।୩(ସମିସ):** ଦକ୍ଷିଣାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ-ନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ବ୍ରହ୍ମପୁର ଦକ୍ଷିଣାଞ୍ଚଳ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ପୁରୀ, ଭୁବନେଶ୍ୱର,



କଟକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲାରୁ ବ୍ରହ୍ମପୁର ତାଙ୍କର ବଦଳି ହୋଇଛି। ବ୍ରହ୍ମପୁର ଦକ୍ଷିଣାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ, ବ୍ରହ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ବରିଷ୍ଠ ଅଧିକାରୀ ଲୋକନାଥ ଶତପଥୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଓଡ଼ିଶୀ ନୃତ୍ୟ ଓ ଭାରତ ନାଟ୍ୟମ୍ ସାଧନାରେ ସମୀକ୍ଷା

# ସର୍ବଭାରତୀୟ ଡାକ ସାଂସ୍କୃତିକ ପ୍ରତିଯୋଗିତାରେ ସାଉଁଟିଲେ ପ୍ରଶଂସା

**ବ୍ରହ୍ମପୁର, ୪।୩(ସମିସ):** ସଂସ୍କୃତି ଓ ପରମ୍ପରାର ଦେଶ ଭାରତ। ଏଠାକାର କଳା ଓ ସଂସ୍କୃତି ମଧ୍ୟ ବେଶ ପ୍ରାଚୀନ। ଏହି ମାଟିର କୋଣ ଅନୁକୋଣରେ ବିଭିନ୍ନ ପ୍ରକାର ନୃତ୍ୟ ଦେଖିବାକୁ ମିଳେ। ପ୍ରତ୍ୟେକ ନୃତ୍ୟ ପରିବେଷଣ ଶୈଳ ମଧ୍ୟ ଭିନ୍ନ ଭିନ୍ନ। ଓଡ଼ିଶାର ଓଡ଼ିଶୀ ନୃତ୍ୟ ଯେଭଳି ସ୍ୱତନ୍ତ୍ର, ଆନ୍ଧ୍ରର ଭାରତନାଟ୍ୟମ ମଧ୍ୟ ସେତିକି ଜଟିଳ। ଉଭୟ ବିଷୟରେ ନିରନ୍ତର ସାଧନା ହିଁ ଜଣେ ନୃତ୍ୟଶିଳ୍ପୀକୁ ସଫଳତାର ଶିର୍ଷରେ ପହଞ୍ଚାଇଥାଏ। ସେଭଳି ଜଣେ ସାଧନାରତ ନୃତ୍ୟଶିଳ୍ପ ହେଉଛନ୍ତି ସମୀକ୍ଷା ମହାନ୍ତି। ସମୀକ୍ଷାଙ୍କ ଘର ପୁରୀ ଜିଲ୍ଲା ପିପିଲି ବ୍ଲକ ଅନ୍ତର୍ଗତ ଅଲରପୁର ଗ୍ରାମରେ। ତାଙ୍କ ବାପା ରବି ନାରାୟଣ ମହାନ୍ତି ବ୍ରହ୍ମପୁର ପୋଷ୍ଟାଲ ଡ଼ିଭିଜନରେ ଚାକିରୀ କରନ୍ତି। ମା' ସୁମିତ୍ରା ଜଣେ ଗୃହିଣୀ। ହେଲେ ସଂସ୍କୃତି ସମ୍ପନ୍ନ ଚିନ୍ତାଧାରା ରଖିଥିବା ସମୀକ୍ଷା ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ ପ୍ରତି ବେଶ ରଚି ରଖିଥିଲେ। ସ୍ଥାନୀୟ 'ନୃତ୍ୟାୟନ' ଅନୁଷ୍ଠାନରେ ଗୁରୁ ଶିବରାମ ବାରିକଙ୍କଠାରୁ ଓଡ଼ିଶୀ ଶିକ୍ଷା ନେଉଥିଲେ। ବିଗତ ଦୁଇବର୍ଷ ହେବ ଏହି ଅନୁଷ୍ଠାନର ଅନ୍ୟତମ ଗୁରୁ ରାଧେଶ୍ୟାମ ତରାଇଙ୍କଠାରୁ ସେ ଭାରତନାଟ୍ୟମ ମଧ୍ୟ ଶିକ୍ଷାଲାଭ କରୁଛନ୍ତି। ଉଭୟ ନୃତ୍ୟରେ ସମ୍ପ୍ରତି ସମୀକ୍ଷା ପାରଦର୍ଶିତା ଦେଖାଇପାରେ ବେଶ ସକ୍ଷମ ହେଉଛନ୍ତି। ଗଞ୍ଜାମ




ଜିଲ୍ଲା ଓ ବାହାରେ ବିଭିନ୍ନ ସ୍ଥାନରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମୀକ୍ଷାଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ଓ ଭାରତନାଟ୍ୟମ ବେଶ ମହାଛୋନ ମଧ୍ୟ ହୋଇଥିଲେ। ସମୀକ୍ଷା ଜଣେ ଉଚ୍ଚକୋଟୀର ନୃତ୍ୟଶିଳ୍ପୀ ଭାବେ ନିଜ ପରକାଷ୍ଠ ଦେଖାଇ ପାରିଛନ୍ତି। ନିକଟରେ ଆସାମର ଗୌହାଟିରେ ଭାରତୀୟ ଡ଼ାକ ବିଭାଗ ପକ୍ଷରୁ ଆୟୋଜିତ ୩୬ତମ ଅଖିଳ ଭାରତୀୟ ଡ଼ା ସାଂସ୍କୃତିକ ପ୍ରତିଯୋଗିତାରେ ପ୍ରଶଂସା ସାଉଟିଁଛନ୍ତି ସମୀକ୍ଷା। ଏଥିରେ ଭାରତନାଟ୍ୟମ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଓଡ଼ିଶା ଡ଼ାକ ସର୍କଲକୁ ପ୍ରତିନିଧିତ୍ୱ କରିଥିବା ସମୀକ୍ଷା ମହାନ୍ତି ପ୍ରଥମ ହୋଇଛନ୍ତି। ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସମୀକ୍ଷା ପୂର୍ବ ଭାରତର ଏକମାତ୍ର ପ୍ରତିଯୋଗୀ ଥିଲେ। ତାଙ୍କ ଦ୍ୱାରା ପରିବେଶିତ ଭାରତନାଟ୍ୟମ ବିଚାରକ ଓ ଅତିଥିଙ୍କୁ ଗୁଣମୁଗ୍ଧ କରିଥିଲା। ଏହି ପ୍ରତିଯୋଗିତାରେ ସଫଳତା ପାଇବା ପରେ ସମୀକ୍ଷାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ସମସ୍ତ ଶ୍ରେୟ ତାଙ୍କର ଦୁଇ ଗୁରୁ ଓ ଅଭିଭାବକଙ୍କୁ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତଦୁଇରେ ପଢୁଥିବା ସମୀକ୍ଷା ପୁରୀ ଜିଲ୍ଲାରେ ହୋଇଥିଲେ ହେଁ ତାଙ୍କ ଜୀବନର ପିଲାଦିନ ବ୍ରହ୍ମପୁରରେ ଅତିବାହିତ ହୋଇଛି। ବ୍ରହ୍ମପୁରରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ସଂସ୍କୃତିର ସ୍ୱତନ୍ତ୍ର ଛାପ ମଧ୍ୟ ଦେଖିବାକୁ ମିଳେ। ଏଠାରୁ ସେ ହୃଦବଦ୍ଧ ହୋଇ ଉଭୟ ରାଜ୍ୟର ପରିଚୟ କୁହାଯାଉଥିବା ଓଡ଼ିଶୀ ଓ ଭାରତନାଟ୍ୟମ ପ୍ରତି ଆଗ୍ରହ ଦେଖାଇବା ସହ ସାଧନା କରି ସଫଳତା ଦିଗରେ ଅଗ୍ରସର ହୋଇଛନ୍ତି। ପୂର୍ବରୁ ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରୀୟ ପୋଷ୍ଟାଲ ସାଂସ୍କୃତିକ ପ୍ରତିଯୋଗିତାରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସେ ରାଜ୍ୟସ୍ତରରେ କୃତି ଅର୍ଜନ କରିଥିଲେ। ସାମ୍ପ୍ରତିକ ସମୟରେ ପରମ୍ପରା ଓ ଓଡ଼ିଶୀ ନୃତ୍ୟ ପ୍ରତି ବିମୁଖ ହୋଇ ଅନେକ ଶିଶୁ ପାଶ୍ଚାତ୍ୟ ପରମ୍ପରାକୁ ଆପଣାଉଥିବା ବେଳେ ସମୀକ୍ଷା ଆଗାମୀ ପିଢି ଲାଗି ପ୍ରେରଣା ନିଶ୍ଚୟ ବୋଲି ତାଙ୍କ ଗୁରୁ ଶିବରାମ ବାରିକ କହିଛନ୍ତି।

## ସରିଲା ମାଟ୍ରିକ୍ ପରୀକ୍ଷା; 'ଏମ୍‌ପି' ପରୀକ୍ଷାର୍ଥୀଙ୍କ ସଂଖ୍ୟା ଶୂନ୍

# ଗଞ୍ଜାମର ୯୭୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବ୍ରହ୍ମପୁର, ୪।୩(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫେବୃଆରୀ ୨୦ତାରିଖ ଠାରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ଦୀର୍ଘ ୧୫ଦିନ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ମୋଟ ୯୭୩ଜଣ ପରୀକ୍ଷାର୍ଥୀ ବିଭିନ୍ନ କାରଣରୁ ଅନୁପସ୍ଥିତ ରହି ପରୀକ୍ଷାରୁ ବଞ୍ଚିତ ହୋଇଥିବା ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଏଚଏସସି) ପରୀକ୍ଷା ନିମନ୍ତେ ମୋଟ ୬୩୬ଟି ବିଦ୍ୟାଳୟର ୪୫ହଜାର ୧୫୨ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ସେଥି ମଧ୍ୟରୁ ୪୪ହଜାର ୨୦୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା



ବେଳେ ଅବଶିଷ୍ଟ ୯୨୦ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍(ଏସଓଏସସି) ପରୀକ୍ଷା ନିମନ୍ତେ ଜିଲ୍ଲାରେ ମୋଟ ୨୩୫ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ସେଥି ମଧ୍ୟରୁ ୧୯୬ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଏବଂ ଅବଶିଷ୍ଟ ୩୯ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହି ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ସଂସ୍କୃତ ମଧ୍ୟମା ପରୀକ୍ଷାରେ ଜିଲ୍ଲାରେ ମୋଟ ୭୭ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ବେଳେ ସେଥିରୁ ୬୩ଜଣ ପରୀକ୍ଷା ଦେଇଥିଲେ। ବଳକା ୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ସେହିପରି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କପି ଧରାପଡ଼ି କୌଣସି ବିଦ୍ୟାର୍ଥୀ ଏମପି ବା ମାଲ ପ୍ରାକ୍ଟିସ ବୁକ ହୋଇନଥିବା ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲାରେ ୧୬ଟି ନୋଡାଲ ସେଣ୍ଟର ଓ ୨୨୩ଟି ପରୀକ୍ଷା କେନ୍ଦ୍ର ରହିଥିଲା। ଉକ୍ତ ପରୀକ୍ଷା କେନ୍ଦ୍ରକୁ ୫୪ଟି ସ୍ୱତନ୍ତ୍ର ଟିମ ଜରିଆରେ କଡାସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚା ଯାଇଥିଲା। ବିଭିନ୍ନ ସରକାରୀ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏହା ସହ ପ୍ରଥମଥର ପାଇଁ ବୋର୍ଡ ଦ୍ୱାରା କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କ୍ୟାମେରା ମାଧ୍ୟମରେ ପରୀକ୍ଷା ପରିଚାଳନା କରାଯାଇଥିଲା। କପି ରୋକିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଓ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱାରା ସ୍ୱତନ୍ତ୍ର ସ୍କ୍ୱାର୍ଡ ମଧ୍ୟ ଗଠନ କରାଯାଇଥିଲା। ମୋଟାମୋଟି ଭାବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି।

# ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

**ବ୍ରହ୍ମପୁର, ୪।୩(ସମିସ):** ସ୍ଥାନୀୟ ବ୍ରଜନଗର ସ୍ଥିତ ସଭାଗୃହରେ ସୋମବାର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସାନକୁଶସ୍ଥଳି ଗ୍ରାମ, ବ୍ରହ୍ମାପଲ୍ଲୀ ଗ୍ରାମ ଓ ଗୋଳାବନ୍ଧ ଆର୍ମି ଏଡି କଲେଜ ପ୍ରଭୃତିକୁ ବିଇଏମସିରେ ସାମିଲ କରିବାକୁ ବିଜ୍ଞାପତି ପ୍ରକାଶ ହୋଇଥିବା ବେଳେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ଏଠାରେ କୁହାଯାଇଛି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଖୁବଶୀଘ୍ର ରାଜ୍ୟପାଳଙ୍କୁ କମିଟିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରିବ ବୋଲି ଆଜିର ବୈଠକରେ ସ୍ଥିର କରାଯାଇଛି। କଂଗ୍ରେସ ଦଳର ବରିଷ୍ଠ ନେତା ଶମ୍ଭୁ ପାଣିଗ୍ରାହୀ ବୈଠକରେ ଯୋଗଦେଇ କ୍ରିୟାନୁଷ୍ଠାନ କମିଟିର ଦାବୀକୁ ସମର୍ଥନ ଘୋଷଣା କରିବା ଦାବି କରିଥିଲେ। ନଚେତ୍ କଂଗ୍ରେସ ଏହି ଆନ୍ଦୋଳନକୁ ଆଗକୁ ନେବ ବୋଲି ସେ କହିଥିଲେ। ବୈଠକରେ କମିଟିର ଯୁଗ୍ମ ସମ୍ପାଦକ ଟି. ସୁଦେଶ କୁମାର ପାତ୍ର, ସମ୍ପାଦକ ବି ଭି ସାଗର, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପଡ଼ିହାରି, ଉପ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ଉପ ସଂଯୋଜକ କାହ୍ନୁ ଚରଣ ପତି, ସହ ସଂଯୋଜକ ଅନିଲ ଅଧିକାରୀ, ସହ କୋଷାଧ୍ୟକ୍ଷ ସୁନିଲ ପାତ୍ର, ଉପ କୋଷାଧ୍ୟକ୍ଷ କେ ସୁଦାମ ପାତ୍ର, ଉପଦେଷ୍ଟା ଏମ୍ ନାର୍ଶୀଙ୍ଗୁଲୁ, ବିଷ୍ଣୁ ପ୍ରସାଦ ସାହୁ, ଲକ୍ଷ୍ମୀ କାନ୍ତ ଜେନା, ନାରାୟଣ ଚନ୍ଦ୍ର ପାଇଛା, ସୁଦର୍ଶନ ସାମଲ, ଦିବାକର ବେହେରା, ଗୋପାଳ ମିଶ୍ର, ପ୍ରବୀଣ ପଟ୍ଟନାୟକ, ପ୍ରୀତିଶ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

■ ହାଇଦରାବାଦରେ ଶ୍ରମିକଙ୍କ ମୃତ୍ୟୁ

## ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତାର ପ୍ରତିଶ୍ରୁତି



**ଗୁମ୍ମା, ୪ ।୩(ସମିସ):** ଗଜପତି ଜିଲ୍ଲାରେ ଶ୍ରମିକଙ୍କର ଦୁଃଖ ସରୁନି । କିଛି ମାସ ପୂର୍ବେ ଗୁମ୍ମା ବ୍ଲକର ଜଣେ ଯୁବ ଶ୍ରମିକଙ୍କର ମୃତ୍ୟୁ ହୋଇଥିଲା । ସୋମବାର ପୁଣି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ଖ୍ରୀଷ୍ଟିଆନ ସାହିର ସୁବେନ ବିହାରୀ ସିଂ(୫୩)ଙ୍କ ମୃତ୍ୟୁ ହୋଇଛି । ପରିବାରର ଆର୍ଥିକ ସମସ୍ୟା ଯୋଗୁଁ ସେ ହାଇଦରାବାଦସ୍ଥିତ ଏକ ଘରୋଇ ଦୁଗ୍ଧ କମ୍ପାନୀରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ହଠାତ ଛାତିରେ ଯନ୍ତ୍ରଣା ହୋଇଥିଲା । ଖବର ପାଇ ପରିବାର ଲୋକେ ଏକ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ନେଇଥିଲେ । ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ପରିବାର କହିଲେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅ । ରୋଜଗାରିଆ ବାପାଙ୍କ ମୃତ୍ୟୁ ପରେ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ମୃତଦେହ ଗାଁକୁ ଆଣିବା ପାଇଁ ପରିବାର ଲୋକେ ଜିଲ୍ଲାପାଳ ଓ ବିଡିଓ ନିବେଦନ କରିଥିଲେ । ଖବର ଜାଣିବା ପରେ ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯସ୍ମୀନ ପ୍ରଧାନ ଦୁଃଖି ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି କିମ୍ବା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ତାଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଛନ୍ତି ।

## ଗୁମ୍ମାରେ ବିଜେଡିର ବାଇକ୍ ରାଲି ଓ ଶୋଭାଯାତ୍ରା



**ଗୁମ୍ମା, ୪ ।୩(ସମିସ):** ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଗୁମ୍ମା ବ୍ଲକ ସଦର ମହକୁମାରେ ଆଦର୍ଶ ବିଦ୍ୟାଳୟ ଛକଠାରୁ କୁତାମ ସାହି ପର୍ଯ୍ୟନ୍ତ ବାଇକ୍ ରାଲି ଓ ଶୋଭାଯାତ୍ରା ବିଜେଡି ରାଜ୍ୟ ସମ୍ପାଦକ ପ୍ରଫେସର ମାରୁତ ପାଳଙ୍କ ନେତୃତ୍ୱରେ ହୋଇଥିଲା । ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଛକଠାରୁ ବହୁ ସଂଖ୍ୟାରେ ବିଜେଡି କର୍ମୀ ବାଇକ୍ ରାଲିରେ ବାହାରି ସହର ପରିକ୍ରମା କରିବା ସହ କୁତାମ ଛକରେ ପହଞ୍ଚିଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ସହ ପୁଣି ଥରେ ବିଜେଡି ବିଜୟ ଦିଗରେ ଅଗ୍ରଗତି ସମ୍ପର୍କରେ ସ୍ଲୋଗାନ ଦିଆଯାଇଥିଲା । ଆଗାମୀ ନିର୍ବାଚନରେ ବିଜେଡି ପୁଣି ଥରେ ସରକାର ଗଠନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେପରି ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ସେଥିନେଇ ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପୂର୍ବତନ ବ୍ଲକ ସଭାପତି ଏନସ ରଇତ, ସମିତି ସଭ୍ୟ ଅତିନିୟଲ ନାୟକ, ମୋସରୁମ ମଣ୍ଡଳ, ତୁମାନ ଗମାଙ୍ଗ ଓ ମସିରେକ ରଇତ ପରିଚାଳନା କରିଥିଲେ ।

■ ଥଇଥାନ ଓ ସହାୟତା ଦାବି

## ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ

**ପାରଳାଖେମୁଣ୍ଡି, ୪ ।୩(ସମିସ):** ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ଛେଲିଗଡ଼ ପ୍ରକଳ୍ପ ନିର୍ମାଣରେ କ୍ଷତିଗ୍ରସ୍ତ ହେଉଥିବା କ୍ଷୁଦ୍ର ଚାଷୀ, ବ୍ୟବସାୟୀ ଓ ପଶୁପାଳନ କରି ଜୀବିକା ନିର୍ବାହ କରୁଥିବା ଲୋକେ ଥଇଥାନ ତଥା ସହାୟତା ଦାବିରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ପ୍ରତିବାଦ ଜଣାଇବା ପାଇଁ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବିପତ୍ରରେ ସେମାନଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପିତ ତାଲିକାଭୁକ୍ତ କରିବା ସହ ଆର୍ଥିକ କ୍ଷତିପୂରଣ ଦେବା ଓ ଅନ୍ୟତ୍ର ଘରବାରୀ ପ୍ରଦାନ କରିବା ଉଲ୍ଲେଖ ରହିଛି । ଶତାଧିକ ପରିବାର ଆଗାମୀ ଦିନରେ ଆଇନର ଆଶ୍ରୟ ନେବେ ବୋଲି ମଧ୍ୟ କହିଛନ୍ତି । ଦିନମଜୁରିଆ, ଭାଗଚାଷୀ, ବ୍ୟବସାୟୀଙ୍କ ନିମନ୍ତେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ଜୀବନଜୀବିକା ପରିଚାଳନା ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହି ଜଳ ପ୍ରକଳ୍ପ ଦ୍ୱାରା ଉଠାଦୋକାନୀ ତଥା ଅସ୍ଥାୟୀ ବ୍ୟବସାୟୀ ବହୁ କ୍ଷତି ସହିବେ । ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଛେଲିଗଡ଼ ଅଞ୍ଚଳର ପ୍ରାୟ ୧୨୦ ହେକ୍ଟର ଚାଷଜମି, ଗୋଚର ଜମି ଜଳମଗ୍ନ ହେବା ସହ ୧୨୦୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହେବେ । ଛେଲିଗଡ଼ ଗ୍ରାମର କିଛି ଗ୍ରାମବାସୀ, ଭାଗଚାଷୀ, ଦିନମଜୁରିଆ, ପଶୁପାଳକ ଓ ବ୍ୟବସାୟ କରି ଜୀବିକା ନିର୍ବାହ କରି ଆସୁଥିବା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ଲାଗି ନିବେଦନ କରିଛନ୍ତି ।



ବ୍ରାହ୍ମଣୀଗାଁରେ ସୁଦୃଢ଼ ହେଉଛି ବିଜେଡି

# ୯ ପଞ୍ଚାୟତର ୫୮୦ କର୍ମୀ ବିଜେଡିରେ ସାମିଲ

**ଦାରିଙ୍ଗବାଡ଼ି, ୪।୩(ସମିସ)**



କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଶିବ ମନ୍ଦିର ନିକଟ ପଡ଼ିଆରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ୯ ପଞ୍ଚାୟତର ୫୮୦ ଜଣ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ବର୍ଷବର୍ଷ ଧରି ବିଜେପି ଓ କଂଗ୍ରେସ ଦଳ ପାଇଁ କାମ କରିଆସୁଥିଲେ ମଧ୍ୟ ଦଳ ସେମାନଙ୍କୁ ଅଣଦେଖା କରିବା ସହ ଅଞ୍ଚଳର ବିକାଶ ଦିଗରେ କୌଣସି ଦୃଷ୍ଟି ଦେଉ ନ ଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ଭଲପାଇବା ଓ ରାଜ୍ୟର ବିକାଶକୁ ଦେଖି ଅଞ୍ଚଳବାସୀ ପ୍ରଭାବିତ ହୋଇଛନ୍ତି ଏବଂ ବିଧିବଦ୍ଧ ଭାବେ ୫୮୦ ପରିବାର ଦଳରେ ସାମିଲ ହୋଇଥିବା ସେମାନେ କହିଛନ୍ତି । ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିହନ ନିଗମ ଅଧ୍ୟକ୍ଷ ତଥା କନ୍ଧମାଳ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ପୁନମ କହଁର, ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ଦୀପକ ସାହୁ, ବ୍ରାହ୍ମଣୀଗାଁ ଲ୍ୟାମ୍ପସେସ ସଭାନେତ୍ରୀ ନୀଳମତି ପ୍ରଧାନ, ସରପଞ୍ଚ ସଂଯୁକ୍ତା ମଲ୍ଲିକ ମଞ୍ଚାସୀନ ଥିଲେ । ଅତିଥିମାନେ ନୂତନ ଭାବେ ବିଜେଡିରେ ସାମିଲ ହୋଇଥିବା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମକୁ ସାଂସଦ ପ୍ରତିନିଧି ଅକ୍ଷୟ ନାୟକ ସଂଯୋଜନା କରିଥିଲେ । ଆଗାମୀ ଦିନରେ ଦାରିଙ୍ଗବାଡ଼ି ବ୍ଲକରେ ବିଜେଡି ଆହୁରି ଶକ୍ତିଶାଳୀ ହେବ ବୋଲି କହିଛନ୍ତି ଅତିଥି । ଏଥିରେ ଟୁକୁନା ମହାନ୍ତି, ଚିନା ଦୋରା, ପଞ୍ଚାୟତ ସଭାପତି ରାଜୀବ ମାଝୀ, ସନ୍ତୋଷ ବାଲିଆରସିଂ, ଚିତ୍ରସେନ ପାତ୍ର, କାହ୍ନୁରୁ ନାୟକ, ରମେଶ ମାଝୀ, ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାଙ୍କ ସମେତ ବହୁ ବିଜେଡି କର୍ମୀ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସ୍ୱାତୀ ସମ୍ପାଦକଙ୍କ ମାତୃ ବିୟୋଗ

**ଜି.ଉଦୟଗିରି, ୪ ।୩(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସମ୍ପାଦକ ହରିଶଙ୍କର ରାଉତଙ୍କ ମାଆ ନର୍ମଦା ରାଉତ(୮୦)ଙ୍କ ପରଲୋକ ହୋଇଛି । ସେ ଆଜି ସକାଳେ ହଠାତ ଅସୁସ୍ଥତା ଅନୁଭବ କରିବାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁ ଖବର ଜାଣିବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ, ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ପ୍ରଦୀପ କୁମାର ଦାସ, ବହୁ ବିଶିଷ୍ଟବ୍ୟକ୍ତି ଓ ସମାଜସେବୀ ଶେଷ ଦର୍ଶନ କରିଥିଲେ । ପୁରୀରେ ତାଙ୍କର ଶେଷକୃତ୍ୟ କରାଯାଇଥିବା ବେଳେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



**ପାରଳାଖେମଣ୍ଡି, ୪ ।୩(ସମିସ)**

ଗଜପତି ଜିଲ୍ଲା ସଦରମହକୁମାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ଜିଲ୍ଲା ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଯୋଗ ଦେଇଥିଲେ । ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଲକଇଠା, ବାଘଶାଳ, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ୧୩୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୧୨ ଓ ଗ୍ରାମଭିତ୍ତିକ ସମସ୍ୟା ୨୦ଟି ରହିଥିଲା । ୩୯ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଅଭିଯୋଗ ପ୍ରକୋଷ୍ଠରେ ଗୋଷାଣି ପ୍ରେସ୍ କ୍ଲବ ତରଫରୁ ଗ୍ରାମାଞ୍ଚଳରେ ଅବାଧ ଦେଶୀ ଓ ବିଦେଶୀ ମଦ ବିକ୍ରିକୁ ନେଇ ଅଭିଯୋଗ କରାଯାଇଥିଲା । ଏହା ସହ ସରକାରୀ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଗୁଡ଼ିକରେ ଠିପି ଖୋଲାରେ ମଦ ବିକ୍ରି କରାଯାଉଥିବା ମଧ୍ୟ ଅଭିଯୋଗ କରାଯାଇଥିଲା । ଏନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

ପ୍ରକାଶ ଯେ, ଗ୍ରାମାଞ୍ଚଳରେ ଉଭୟ ଦେଶୀ ଓ ବିଦେଶୀ ମଦ ବିକ୍ରି ବୃଦ୍ଧି ପାଉଛି । ଯଦ୍ୱାରାକି ନାନାଦି ସମସ୍ୟା ଉପୁଜୁଥିବା ଲକ୍ଷ୍ୟ କରାଯାଉଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମୋ ଘର ଯୋଜନା, ମନରେଗା, ଗୃହନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଶୁଣାଣି ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ପାତ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଓଡ଼ିଶା ଡ୍ରାଇଭର ମହାସଂଘର ବନ୍ଧୁମିଳନ

**ଫିରିଙ୍ଗିଆ, ୪।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ହାଟପଦା ପ୍ରାଙ୍ଗଣରେ ଓଡ଼ିଶା ଡ୍ରାଇଭର ମହାସଂଘ ଫିରିଙ୍ଗିଆ ଶାଖାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଡ୍ରାଇଭର ମହାସଂଘ ସାଡିଙ୍ଗିଆ ପଞ୍ଚାୟତ ସଭାପତି ଚୈତନ୍ୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ସଭାପତି ସାମନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସଂଘର ବ୍ଲକ ଉପସଭାପତି ବଂଶୀଧର ସାହୁ, ସମ୍ପାଦକ ରମାକାନ୍ତ ପ୍ରଧାନ, ବ୍ଲକ ଆଡମିନ ଉମାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପବିଙ୍ଗିଆ ପଞ୍ଚାୟତ ସଭାପତି ମାନୁଏଲ ଦିଗାଲ ପରିଚାଳନା କରିଥିଲେ । ସାଡିଙ୍ଗିଆ ଉପସଭାପତି ଉତ୍ତମ ଦିଗାଲ, ସମ୍ପାଦକ ପଙ୍କଜ ରଣାଙ୍କ ସହ ଅନ୍ତର୍ଯ୍ୟାମୀ ରଣା, ଏଡମିନ ବାବୁଲା ରଣା, ସୁନୀଲ ସାହୁ, ଉପଦେଷ୍ଟା ପୁଷ୍ପଲତା ସାହୁ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏଥିରେ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ । ସଚେତନତା ଶୋଭାଯାତ୍ରା ପରେ ଡ୍ରାଇଭରଙ୍କ ସମସ୍ୟା ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଡ୍ରାଇଭରଙ୍କୁ ସମ୍ମାନିତ କରାଯିବା ସହ ବ୍ଲକର ଏକମାତ୍ର ମହିଳା ଡ୍ରାଇଭର ସାଡିଙ୍ଗିଆର ରଶ୍ମିତା ସାହୁଙ୍କୁ ସଙ୍ଘ ତରଫରୁ ସମ୍ମାନିତ କରାଯାଇଥିଲା ।



ପିପଲପଦା ବିଦ୍ୟାଳୟରେ ଶିକ୍ଷକ ଅଭାବ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ସମିତିସଭ୍ୟ

**ଫିରିଙ୍ଗିଆ, ୪।୩(ସମିସ)**



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ, କେଳାପଡ଼ା ପଞ୍ଚାୟତ ପିପଲପଦା ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଏହି ବିଦ୍ୟାଳୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ । ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୪୧ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଜଣେ ପ୍ରଧାନଶିକ୍ଷକ ଓ ଅନ୍ୟ ଜଣେ ଶିକ୍ଷକ ଅଛନ୍ତି । ପ୍ରଧାନ ଶିକ୍ଷକ ପ୍ରାୟତଃ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ କେବଳ ଜଣେ ମାତ୍ର ଶିକ୍ଷକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପିଲାଙ୍କୁ ପାଠ ପଢ଼ାଉଛନ୍ତି । ଦୁଇବର୍ଷ ଧରି ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖା ଦେଇଥିବା ବେଳେ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ବାରମ୍ବାର ଦାବି କରିଆସୁଛନ୍ତି । ଏହା ସତ୍ତ୍ୱେ ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ । ଏଥିନେଇ ଅସନ୍ତୋଷ ବୃଦ୍ଧି ପାଉଛି । ସୋମବାର ସମିତିସଭ୍ୟ ବୈରାଗୀ କହଁରଙ୍କ ନେତୃତ୍ୱରେ ତିନିଜଣିଆ ବିଦ୍ୟାଳୟ ପରିଚାଳନା କମିଟ ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷକ ଦିଆଭଞ୍ଜି ମଲିକଙ୍କୁ ପ୍ରଶ୍ନ କରାଯିବାରେ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଲିଖିତ ଭାବରେ ଜଣାଇଥିବା କହିଛନ୍ତି । ସରକାରୀ ନିୟମ ଅନୁସାରେ ବିଦ୍ୟାଳୟର ଆଠଟି ଶ୍ରେଣୀ ପାଇଁ ପାଞ୍ଚଜଣ ଶିକ୍ଷକ ରହିବା କଥା । କିନ୍ତୁ ଦୁଇବର୍ଷ ହେଲା ମାତ୍ର ଦୁଇଜଣ ଶିକ୍ଷକରେ ଚାଲିଛି ଏହି ବିଦ୍ୟାଳୟ । ସୂଚନାଯୋଗ୍ୟ ଯେ ଏହି ବିଦ୍ୟାଳୟରେ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ମଧ୍ୟ ରହିଛି । ଶିକ୍ଷକ ଅଭାବ ଯୋଗୁ ଏହି ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପାଠ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଭାବକ ଓ କମିଟି ସଦସ୍ୟ ଅଭିଯୋଗ କରିଛନ୍ତି ।

■ ଚେତିଲା ପୂର୍ତ୍ତ ବିଭାଗ

## ଆରମ୍ଭ ହେଲା ରାସ୍ତା ମରାମତି

**ପାରଳାଖେମୁଣ୍ଡି, ୪ ।୩(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ପୁରୁଣା କୋର୍ଟ ଛକଠାରୁ କାଳୀମନ୍ଦିର ଛକ ଯାଏଁ ରାସ୍ତା ମରାମତି କରାଯାଉଛି । ତେବେ ଏହି କାମ କେଉଁ ପର୍ଯ୍ୟନ୍ତ କରାଯିବ ତାହା ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉ ନାହିଁ । ରାସ୍ତା ସମସ୍ୟା ନେଇ ଦୁଇ ଦିନ ପୂର୍ବେ ଜନସାଧାରଣ ଓ ବିଭିନ୍ନ ରାଜନୈତିକ ଦଳର ନେତା ଗାନ୍ଧୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବାରୁ ପୂର୍ତ୍ତ ବିଭାଗ ଚେତି ଉଠିଥିବା ଆଲୋଚନା ହେଉଛି । ପ୍ରକାଶ ଯେ, ପୁରୁଣା କୋର୍ଟ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି । ଏହି ରାସ୍ତା ନିର୍ମାଣକୁ ତିନି ବର୍ଷ ପୂରଣ ହୋଇଥିବା ବେଳେ ନିମ୍ନମାନର କାମ ଯୋଗୁଁ ସିମେଣ୍ଟ କଂକ୍ରିଟ ରାସ୍ତା ଖାଲଖମା ହୋଇଛି । ବିଭାଗ ଓ ପ୍ରଶାସନ ନିକଟରେ ଲୋକେ ବାରମ୍ବାର ଅଭିଯୋଗ କରୁଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶିତ ହୋଇଥିଲା । ହେଲେ ପୂର୍ତ୍ତବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା । ରାସ୍ତାରୋକ ପରେ ବିଭାଗ ଚେତି ଉଠିଥିବା ଆଲୋଚନା ହେଉଛି ।

# ଜି.ଉଦୟଗିରିର ୬ ପଞ୍ଚାୟତରେ ମୋ ବ୍ୟାଙ୍କ ସେବା

**ଜି.ଉଦୟଗିରି, ୪ ।୩(ସମିସ)**



ବ୍ୟାଙ୍କ ସେବା ପାଇଁ ବିଭିନ୍ନ ପଞ୍ଚାୟତର ଦୁର୍ଗମ ଅଞ୍ଚଳରୁ ବୟସ୍କ ବ୍ୟକ୍ତି, ଦିବ୍ୟାଙ୍ଗ ତଥା ଅସହାୟ ଲୋକଙ୍କୁ ସହରକୁ ଆସିବାକୁ ପଡୁଥିଲା । ଏହା ଦ୍ୱାରା ଦିନ ଦିନ ସମୟ

**ଆଉ ଦୁଇ ପଞ୍ଚାୟତରେ ସେବା ପାଇଁ ଚାଲିଛି ପ୍ରସ୍ତୁତି**

ଲାଗୁଥିବା ବେଳେ ଗାଡ଼ି ଖର୍ଚ୍ଚ କରି ଅଯଥାରେ ଖର୍ଚ୍ଚାନ୍ତ ହେଉଥିଲେ ସାଧାରଣ ଜନତା । ବ୍ୟାଙ୍କ ସେବା ପାଇବା ପାଇଁ ଲୋକେ ନିଜ କାମ ଧନ୍ଦା ଛାଡ଼ି ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ରାସ୍ତା ଘାଟରେ ହେଉଥିଲା ସରକାରୀ କାମ । ଏବେ ସମୟ ବଦଳିଛି । ରାଜ୍ୟ ସରକାର ସମସ୍ୟାକୁ ଗୁରୁତ୍ୱର ସହ ନେଇ ସ୍ଥାୟୀ ସମାଧାନ କରିଛନ୍ତି । ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଉପଲବ୍ଧ ହେଉଛି । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇବା ସହିତ ଜନସାଧାରଣ କିପରି ସହଜରେ ହାତପାଆନ୍ତାରେ ଏହି ସେବା ପାଇପାରିବେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଗତ ୨୯ ତାରିଖରେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଛନ୍ତି । ଏହି କ୍ରମରେ ଜି. ଉଦୟଗିରି ବ୍ଲକର ୮ ପଞ୍ଚାୟତ ମଧ୍ୟରୁ ଲିଙ୍ଗାଗଡ଼ ପଞ୍ଚାୟତରେ ପୂର୍ବରୁ ଏହି ସେବା ଉପଲବ୍ଧ ଥିବା ବେଳେ ନିକଟରେ ରାଇକଲା, ଗ୍ରେସିଙ୍ଗିଆ, ରଟିଙ୍ଗିଆ, ମାଲିକପଡ଼ି, ତଲାରିମାହାରେ ଆରମ୍ଭ ହୋଇଛି ବ୍ୟାଙ୍କ ସେବା । ଖୁବ୍‌ଶୀଘ୍ର ବାକି ରହିଥିବା କଲିଙ୍ଗା ଏବଂ କତିଙ୍ଗିଆରେ ଏହି ସେବା ମିଳିବ । ସେଥିନେଇ ବ୍ୟବସ୍ଥା ଚାଲିଛି । ଗ୍ରେସିଙ୍ଗିଆରେ ସରପଞ୍ଚ ତ୍ରିସିଲା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଡିଓ ମନୋଜ କୁମାର ଦେବତା ଯୋଗଦେଇ ଏହି ସେବାର ଉଦ୍‌ଘାଟନ କରିଥିଲେ । ଏହି ସେବା କେନ୍ଦ୍ରଗୁଡ଼ିକରେ ସାଧାରଣ ଉପଭୋକ୍ତାଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଆବଶ୍ୟକ ସମସ୍ତ ଉପକରଣ ଯୋଗାଇ ଦିଆଯାଇଥିବା ବେଳେ ସବୁପ୍ରକାର ବ୍ୟାଙ୍କ ସେବା ଉପଲବ୍ଧ ହେବ । ଏଥିନେଇ ଲୋକେ ବେଶ ଖୁସି ବୋଲି ପ୍ରକାଶ କରିଛନ୍ତି ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଉପବାଚସ୍ପତି ଓ ସାଂସଦ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୪।୩(ସମିସ)**



ଉପବାଚସ୍ପତି ସାଲୁଗା ପ୍ରଧାନ ଏବଂ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଦାରିଙ୍ଗବାଡ଼ି ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପ୍ରଥମେ ସିମନବାଡ଼ି ପହଞ୍ଚି ସେଠାରେ ସଂଖ୍ୟାଲଘୁ ଗୋଷ୍ଠୀ ଗୃହର ଶିଳାନ୍ୟାସ ପରେ ଦାରିଙ୍ଗବାଡିରେ ହେବାକୁ ଥିବା ଆଦିବାସୀ ସାଂସ୍କୃତିକ ଭବନର ଶିଳାନ୍ୟାସ କରିଥିଲେ । ଏହା ପରେ ବ୍ରାହ୍ମଣୀଗାଁ ଗସ୍ତ କରି ବ୍ରାହ୍ମଣୀଗାଁ ଚର୍ଚ୍ଚ ପରିସରରେ ସଂଖ୍ୟାଲଘୁ ଗୋଷ୍ଠୀ ଗୃହର ଶିଳାନ୍ୟାସ କରିଥିଲେ । ପୁଣି ସ୍ୱତନ୍ତ୍ର ଭାବେ କିସକାଟର ସ୍ୱତନ୍ତ୍ରପାଣ୍ଠିରେ ହୋଇଥିବା ସିଲେଇ କେନ୍ଦ୍ର ଗୃହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିର୍ମାଣ ହୋଇଥିବା 'ଆଇ ଲଭ୍ ଦାରିଙ୍ଗବାଡ଼ି' ଲେଖାର ଉଦ୍‌ଘାଟନ କରିଥିଲେ । ଏଥିରେ ଓଡ଼ିଶା ବିହନ ନିଗମ ଅଧ୍ୟକ୍ଷ ତଥା କନ୍ଧମାଳ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ପୁନମ କହଁର, ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ଏସ୍‌ଆଇ ଜିତେନ୍ଦ୍ର ବେହେରା, ଜି.ଉଦୟଗିରି ନିର୍ବାଚନ ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ଦୀପକ ସାହୁ ଓ ସାଂସଦ ପ୍ରତିନିଧି ଅକ୍ଷୟ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଶିବ ମନ୍ଦିରରୁ ଚୋରି

**ଛତ୍ରପୁର, ୪।୩(ସମିସ):** ଚମାଖଣ୍ଡି ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଶିବ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଟଙ୍କା ନେବା ସହିତ ହନୁମାନ ଓ ଗ୍ରାମଦେବତୀ ମନ୍ଦିରରୁ ଦୁର୍ବୃତ୍ତ ମାନେ ଚୋରି କରିଥିବା ଜଣାପଡ଼ିଛି। ନରେନ୍ଦ୍ରପୁର ଗ୍ରାମରେ ଥିବା ଗଙ୍ଗେଶ୍ୱର ମହାଦେବଙ୍କ ଦାନ ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଟଙ୍କା ଚୋରି କରିବା ସହିତ ସେହି ମନ୍ଦିର ବେଢ଼ା ମଧ୍ୟରେ ଥିବା ହନୁମାନ ଓ ଗ୍ରାମ ଦେବତୀଙ୍କ ମନ୍ଦିରରୁ ମଧ୍ୟ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ଆସିଛି। ସକାଳୁ ପୂଜକ ମନ୍ଦିରକୁ ଯାଇ ଦେଖିଲାବେଳକୁ ମନ୍ଦିର ତାଲା ଭାଙ୍ଗିବା ସହିତ ଦାନ ହୁଣ୍ଡି ମଧ୍ୟ ଭଙ୍ଗା ହୋଇ ପଡ଼ିଛି। ଏହି ଖବର ଗ୍ରାମବାସୀ ଜଣାଇବା ପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**କୋଦଲା, ୪।୩(ସମିସ):** ବେଗୁନିଆପଡ଼ା ବ୍ଲକର କୁମ୍ଭାରଗାଁ, ଅଙ୍ଗାରଗାଁ, କେ. ବରିଡା, ଖଣ୍ଡିଆନଈ ପଞ୍ଚାୟତରେ ୩୭୧ ଜଣ ନୂତନ ହିତାଧିକାରୀଙ୍କୁ ଏକ ମାସର ବର୍ଦ୍ଧିତ ହାରରେ ଏକ ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ପରିସରରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ଏହି



ଯୋଜନାରୁ କେହି ଯେମିତି ବାଦ ନ ପଡ଼ନ୍ତି ସେଥିପାଇଁ ନିର୍ଦ୍ଦେଶ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଏବିଡିଓ ନିରଞ୍ଜନ ବେହେରା, ଜିପିଡିଓ ତଥା ବିଏସଏସଓ ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁଙ୍କ ସମେତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ନୂତନ ଅଧ୍ୟାପକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବୁଗୁଡ଼ା,୪।୩(ସମିସ):** ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗରେ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟାପକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ




ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ବିନୋଦ କୁମାର କର ଓ ଲୋକନାଥ ବେହେରାଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହି ନୂତନ ଅଧ୍ୟାପକ ପବିତ୍ର ଖଣ୍ଡୁଆଲଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ନୟାଗଡ଼ ଜିଲ୍ଲା କୋରଡା ଗ୍ରାମ ବାସିନ୍ଦା ପବିତ୍ର ଖଣ୍ଡୁଆଲ ଷ୍ଟେଟ୍ ସିଲେକ୍ସନ ବୋର୍ଡ ଦ୍ୱାରା ମନୋନୀତ ହୋଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଭାବେ ବୁଗୁଡା ପିପୁଲ୍ସ କଲେଜରେ ଅଧ୍ୟାପନା କାର୍ଯ୍ୟରେ ଯୋଗଦାନ ହେତୁ ବିଭାଗୀୟ ଛାତ୍ରଛାତ୍ରୀ ଖୁସିବ୍ୟକ୍ତ କରିଛନ୍ତି।

## ଗୋ-ମାଂସ ବୋଝେଇ କଣ୍ଟେନର୍ ଜବତ

**ଛତ୍ରପୁର, ୪।୩(ସମିସ):** ଛତ୍ରପୁର ଉଜ୍ଜଳେଶ୍ୱରୀ ମନ୍ଦିର ନିକଟ ଜାତୀୟ ରାଜପଥରେ ଏକ ଗୋ-ମାଂସ ବୋଝେଇ କଣ୍ଟେନରକୁ ଛତ୍ରପୁର ପୁଲିସ ଜବତ କରିଛି। କୌଣସି ସୂତ୍ରରୁ ଛତ୍ରପୁର ବଜରଙ୍ଗ ଦଳ ଯୁବକମାନେ ସୋମବାର




ପୂର୍ବାହ୍ନରେ କଟକରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ଏକ କଣ୍ଟେନରରେ ୨୧ ଟନ ଗୋମାଂସ ଚାଲଣ ହେଉଥିବା ଜାଣି ଉଜ୍ଜଳେଶ୍ୱରୀ ମନ୍ଦିର ନିକଟ ଜାତୀୟ ରାଜପଥଠାରେ ଗାଡ଼ିକୁ ଅଟକାଇ ପୁଲିସ ଜିମା ଦେଇଥିଲେ। ପରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ଥାନା ଅଧିକାରୀ ନିରୋଦ କୁମାର ଦାଶଙ୍କ ଉପସ୍ଥିତିରେ ସେହି କଣ୍ଟେନରର ସିଲ୍ ଭଙ୍ଗାଯାଇଥିଲା। ସେହିପରି ଛତ୍ରପୁର ପ୍ରାଣୀ ଚିକିତ୍ସକ ଡା. ପତିତପାବନ ରଥ ସେହି କଣ୍ଟେନରରେ ଥିବା ଗୋ-ମାଂସର ପରୀକ୍ଷା କରିବା ପାଇଁ କିଛି ଖଣ୍ଡ ମାଂସକୁ ନେଇଥିଲେ।

# କୁକୁଡ଼ାଖଣ୍ଡିରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**କୁକୁଡ଼ାଖଣ୍ଡି,୪।୩(ସମିସ):** ଲୋକଙ୍କ ନିକଟତର ହେବା ଓ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଜୁ ଜନତା ଦଳ ପକ୍ଷରୁ 'ଘରେ ଘରେ ଶଙ୍ଖ' ଓ 'ପରିବାର ସମ୍ପର୍କ ଅଭିଯାନ' ଜାରି ରହିଛି। ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅବସରରେ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେଉଛନ୍ତି। ପ୍ରତି ପଞ୍ଚାୟତର ସମସ୍ତ ଗ୍ରାମରେ ଲୋକଙ୍କ ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରୁଛନ୍ତି। କୌଣସି ଯୋଗ୍ୟ ହିତାଧିକାରୀ ଯେଭଳି କୌଣସି ଯୋଜନାରୁ ବଞ୍ଚିତ ନହୁଅନ୍ତି ସେଥିନେଇ ସଚେତନତା ସୃଷ୍ଟି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦିବଙ୍ଗତ ବିଧାୟକ ତଥା ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅନ୍ତେ ତାଙ୍କ ପୁଅ ତଥା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର





ମଙ୍ଗ ଧରିଛନ୍ତି। ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକଙ୍କ ସୁଖଦୁଃଖରେ ସାମିଲ ହେଉଛନ୍ତି। ଏହିକ୍ରମରେ ସୋମବାର ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସାହିରେ ଘରକୁ ଘର ବୁଲି ଲୋକଙ୍କ ସମର୍ଥନ ଓ ସହଯୋଗ ଲୋଡିଥିଲେ। ଏହି ଅବସରରେ

- **ଅନନ୍ତେଇ ପଞ୍ଚାୟତରେ ବିପ୍ଳବଙ୍କୁ ଭବ୍ୟ ସ୍ୱାଗତ ଓ ବିପୁଳ ସମର୍ଥନ**
- **ସୁକୁଣ୍ଡା ଓ ଲଙ୍ଗଳଦେଇରେ ଘର ଘର ବୁଲି ଲୋକଙ୍କୁ କରାଗଲା ସଚେତନ**
- **କାର୍ଯ୍ୟକ୍ରମ ଅବସରରେ ବହୁ କଂଗ୍ରେସ କର୍ମୀଙ୍କର ବିଜେଡିରେ ଯୋଗଦାନ**

ବିଜେଡି ନେତା ବିପ୍ଳବ ପାତ୍ର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଅନନ୍ତେଇ ପଞ୍ଚାୟତରେ ବିଭିନ୍ନ ଗ୍ରାମକୁ ଶୋଭାଯାତ୍ରାରେ ଯାଇ ଘରକୁ ଘର ବୁଲି ଲୋକଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ପ୍ରଥମେ ସୁକୁଣ୍ଡା ଗ୍ରାମରେ ବିଭିନ୍ନ ସ୍ଥାନରେ ବିପ୍ଳବଙ୍କୁ ବରିଷ୍ଠ ନାଗରିକ, ମହିଳା ଓ ଯୁବଗୋଷ୍ଠୀଙ୍କ ପକ୍ଷରୁ ହୁଳହୁଳି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ସୁକୁଣ୍ଡା ଗ୍ରାମରୁ ଲଙ୍ଗଳଦେଇ ଗ୍ରାମ ଅଭିମୁଖେ ଯାଇଥିଲା ଶୋଭାଯାତ୍ରା। ଯିବାବାଟରେ ବିଭିନ୍ନ ଯୁବଗୋଷ୍ଠୀ ଓ ସଙ୍ଗଠନମାନଙ୍କ ପକ୍ଷରୁ ବିପ୍ଳବଙ୍କୁ ଭବ୍ୟ ସ୍ୱାଗତ କରି ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଲଙ୍ଗଳଦେଇରେ ଶୋଭାଯାତ୍ରା ପରିକ୍ରମା ସମୟରେ ପୂର୍ବତନ ସମିତି ସଭ୍ୟ ବାଇଧର ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ବହୁ ଯୁବନେତା ଓ କର୍ମୀ କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଯୁବନେତା ବିପ୍ଳବ ପାତ୍ର ଦଳୀୟ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିପ୍ଳବ ପାତ୍ରଙ୍କ ସହିତ ବିଜେଡିର ବରିଷ୍ଠ ଯୁବନେତା ଉଦୟ ବେହେରା, ବ୍ଲକ ବିଜେଡି ଉପସଭାପତି କୈଳାଶ ବିଶୋୟୀ, କୁକୁଡାଖଣ୍ଡି ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ପାତ୍ର, ସମିତି ସଭ୍ୟା ନିରୁପମା ପାତ୍ର, ଅନନ୍ତେଇ ସରପଞ୍ଚ ପୂର୍ଣ୍ଣବାସୀ ବିଶ୍ୱାଳ, ଲାଞ୍ଜିଆ ସରପଞ୍ଚ ଅନୀଲ ଗୌଡ, ଲାଠି ସରପଞ୍ଚ ରାଧାମୋହନ ସେଠୀ ଓ କୁକୁଡାଖଣ୍ଡି ସରପଞ୍ଚ ବନ୍ଦନା ସେଠୀ, ଅନନ୍ତେଇ ପଞ୍ଚାୟତର ୱାର୍ଡ ମେମ୍ବର ପୂର୍ଣ୍ଣଚନ୍ଦ୍ର ସାହୁ, ସୁନିତା ଦାସ, ସୁନୀଲ ବିଶ୍ୱାଳ ଓ ସୁନିତା କୋଠିଆ ପ୍ରମୁଖଙ୍କ ସମେତ ସେଖ ସାବୀର, ନିଲୁ ବିଶୋୟୀ, ଶ୍ୟାମସୁନ୍ଦର ସାହୁ, ସୁକାନ୍ତ ସାସମଲ, କୁନା ପାଣିଗ୍ରାହୀ, ସନ୍ତୋଷ ମହାରଣା ଓ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

■ ପ୍ରେମରୁ ପ୍ରତିଶୋଧ

## ଯୁବତୀଙ୍କ ଫଟୋ ଭାଇରାଲ୍ କରି ଯୁବକ ଗିରଫ

**ଖଲ୍ଲିକୋଟ, ୪।୩(ସମିସ):** ବାହା ହେବାକୁ ମନା କଲେ ବୋଲି ଜଣେ ଯୁବତୀଙ୍କ ଫଟୋ ଭାଇରାଲ୍ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଖଲ୍ଲିକୋଟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର ଦେବାଶିଷ ପାଣିଗ୍ରାହୀ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। କିଛି ଦିନ ଭାବ ଆଦାନ ପ୍ରଦାନ ଚାଲିବା ପରେ ପ୍ରେମରେ ଭଙ୍ଗା ପଡ଼ିଥିଲା। ଇତି ମଧ୍ୟରେ ଯୁବତୀଙ୍କ ବିବାହ ଅନ୍ୟତ୍ର ସ୍ଥିର କରିଥିଲେ ପରିବାର ଲୋକେ। ତେବେ ଦେବାଶିଷ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବା ପାଇଁ ନିବେଦନ କରିଥିଲେ ମଧ୍ୟ ବିବାହ କରିବେ ନାହିଁ ବୋଲି ଯୁବତୀ ମନା କରିଦେଇଥିଲେ।



ଏଥିରେ କ୍ରୋଧିତ ହୋଇ ଦେବାଶିଷ ଯୁବତୀଙ୍କ ଆପତ୍ତିଜନକ ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ୍ କରି ଦେଇଥିଲେ। ଏନେଇ ଯୁବତୀ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

## ସାଇ ସୁନ୍ଦର ଧାମ ପ୍ରତିଷ୍ଠା ଉତ୍ସବ

**ହିଞ୍ଜିଳିକାଟୁ, ୪।୩(ସମିସ):** ହିଞ୍ଜିଳିକାଟୁ ଶ୍ରୀ ଶିରିଡ଼ି ସାଇ ସେବା ସମିତି ଟ୍ରଷ୍ଟ ପକ୍ଷରୁ ପୋଚିଲିମା ଛକ ନିକଟରେ ଶ୍ରୀ ସାଇନାଥଙ୍କ ନୂତନ ଭବ୍ୟ ମନ୍ଦିର ସାଇ ସୁନ୍ଦର ଧାମର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ମ୍ୟାନେଜିଙ୍ଗ ଟ୍ରଷ୍ଟି ଓ ପ୍ରତିଷ୍ଠାତା ତଥା ଗ୍ରିଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀଙ୍କ ସଂଯୋଜନାରେ ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସରେ ସହସ୍ରାଧିକ ମହିଳା ଓ ପୁରୁଷ ପୋଚିଲିମା ଗ୍ରାମ ପୋଖରୀରୁ ମନ୍ଦିର ସ୍ଥଳ ପର୍ଯ୍ୟନ୍ତ ଜଳ ଯାତ୍ରା କରିଥିଲେ। ପରେ ଦୀକ୍ଷା ଗ୍ରହଣ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ୭୦ ଜଣ ପଣ୍ଡିତ ଯୋଗଦେଇ ଗୋ-ଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ନାମ ଯଜ୍ଞ ଓ ଜ୍ଞାନ ଯଜ୍ଞକୁ ରୀତିନୀତି ଅନୁସାରେ ସମ୍ପାଦନ କରିବେ। ଅନ୍ତିମ ଦିବସରେ ଶ୍ରୀ ଶିରିଡ଼ି ସାଇ ଓ ଭାରତୀୟ ଦର୍ଶନର ଅନ୍ତର୍ଜାତୀୟ ପ୍ରଚାରକ ଡ. ଚନ୍ଦ୍ରଭାନୁ ଶତପଥୀ ଯୋଗଦେଇ ପ୍ରାଣପ୍ରତିଷ୍ଠା କରିବେ ବୋଲି ଜଣାପଡ଼ିଛି।



କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ପୌର ପରିଷଦର ପ୍ରାକ୍ତନ ଅଧ୍ୟକ୍ଷା ଗୌରୀ ପାଣିଗ୍ରାହୀ, ଟ୍ରଷ୍ଟର ଉପଦେଷ୍ଟା ତଥା ଜିଲ୍ଲା ଯୋଜନା କମିଟି ସଦସ୍ୟ ଏନ. ରଘୁନାଥ, ବିଶିଷ୍ଟ ସାମ୍ବାଦିକ ପ୍ରମୋଦ ପଣ୍ଡା, ୬୭ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ବାଇ ଗୀତାଞ୍ଜଳି, ସାରୁ ସରପଞ୍ଚ ନିଳାଞ୍ଚଳ ସାହୁ, ଉପ ସଭାପତି ମଧୁସୂଦନ ପଣ୍ଡା ଓ କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର ସହଯୋଗ କରିଥିଲେ।

## ବିଧାୟକଙ୍କ ମାରାଥନ୍ କାର୍ଯ୍ୟକ୍ରମ



**ଛତ୍ରପୁର, ୪।୩(ସମିସ):** ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତରେ ସୋମବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉନ୍ନତି, ମରାମତି ଓ ନିର୍ମାଣ ନିମନ୍ତେ ଲାଗି ମାରାଥନ୍ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ପ୍ରଥମେ ବିଧାୟକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ଓ ବିଧାୟକଙ୍କ ସହାୟତା ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନରେ ରୁକ୍ମଣୀ ଗାଁ ଗୋପୀନାଥ ସ୍ୱାମୀ ମନ୍ଦିରର ମରାମତି ଓ ଉନ୍ନତିକରଣ ନିମନ୍ତେ ଭିତ୍ତିସ୍ଥାପନ ହୋଇଥିଲା। ପରେ ବଉଳ ଗାଁ ଛକ ନିକଟ ତ୍ରିନାଥ ମନ୍ଦିର ରୂପାନ୍ତରଣ, ବଉଳଗାଁ କଲ୍ୟାଣେଶ୍ୱର ଯୁବ କେନ୍ଦ୍ର ଓ ତେର ସ୍ଥାନ ତାଲୁକା କୈବତ କୂଳ ଗୃହ ନିମନ୍ତେ ବିଧାୟକ ଶ୍ରୀ ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ପାଢ଼ୀ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସେଠୀ ଓ ସରୋଜିନୀ ମହାରଣା, ମାଳିକ ମହାରଣା, ରବୀନ୍ଦ୍ର ଦାସ, ଭ୍ରମରା ଦାସ, ବିପୁଲିଙ୍ଗି ସରପଞ୍ଚ ହିନା ସେଠୀ, ମହାନାଦପୁର ସରପଞ୍ଚ ରବୀନ୍ଦ୍ର ରାଉଳ, ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସମେତ ବଉଳଗାଁ ପଞ୍ଚାୟତର ବହୁ ଭଦ୍ରବ୍ୟକ୍ତି ଓ ମିଶନ ଶକ୍ତି ସଭ୍ୟାମାନେ ଉପସ୍ଥିତ ଥିଲେ।

## ଗୁଜରାଟରେ ଚମକିଲେ ଓଡ଼ିଆ ଛାତ୍ରୀ

**କୋଦଳା,୪।୩(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ମର୍ଦ୍ଦକୋଟ ପଞ୍ଚାୟତ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଯୋଗୀରାମ ବରାଡ଼ଙ୍କ ନାତୁଣୀ ତଥା ବ୍ରହ୍ମପୁର ଦୀପାସାହି ନିବାସୀ ମହେନ୍ଦ୍ର ନାୟକଙ୍କ ଝିଅ ସାଲୋନୀ ନାହାକ ସୁଦୂର ଗୁଜୁରାଟ କେଜେ ଇନିଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି, ବରୋଦାର ସଭଁଲି ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସାଲୋନୀଙ୍କ ଏହି କୃତିତ୍ୱ ଓଡ଼ିଶା ତଥା ଗଞ୍ଜାମ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି।




## ମରୁଡ଼ି ପରିସ୍ଥିତିର ପୁନର୍ବିଚାର ଲାଗି ସ୍ମାରକପତ୍ର



**ଛତ୍ରପୁର,୪।୩(ସମିସ):** ଗଞ୍ଜାମ ଜିଲ୍ଲାରେ ଗତ ଖରିଫ୍ ଋତୁର ମରୁଡ଼ି ପରିସ୍ଥିତିର ପୁନର୍ବିଚାର ଲାଗି ସୋମବାର ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ବହୁ ଚାଷୀ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ଏକ ପ୍ରତିନିଧି ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ଗତ ଖରିଫ ଋତୁରେ ଅନାବୃଷ୍ଟି ଯୋଗୁଁ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୩୦ ହଜାର ଏକରରୁ ଉର୍ଦ୍ଧ୍ୱ ଜମିର ଫସଲ ନଷ୍ଟ ହୋଇଥିବା ସେମାନେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ଅଳ୍ପବର୍ଷା ଯୋଗୁଁ ଘୋଡାହଡ, ବାଘଲଟି, ଡହ, ସାଳିଆ, ମାରିଡି ଭଳି ଜଳ ପ୍ରକଳ୍ପ ଶୁଖିଲା ପଡ଼ିଗଲା। ଯାହା ଫଳରେ ବୁଗୁଡା, କନିଷି, କୋଦଳା, ଖଲ୍ଲିକୋଟ, ଗଞ୍ଜାମ, ସୋରଡା ଆଦି ତହସିଲର ୪୦ ଭାଗରୁ ଉର୍ଦ୍ଧ୍ୱ ଜମି ଜଳ ନ ପାଇ ନଷ୍ଟ ହୋଇଯାଇଥିଲା। ତେଣୁ ମରୁଡ଼ି ପରିସ୍ଥିତିର ପୁନର୍ବିଚାର ଲାଗି ସେମାନେ ସ୍ମାରକପତ୍ରରେ ଦର୍ଶାଇଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ଉପ-ସଭାପତି କୈଳାସ ଷଡଙ୍ଗୀ, ସମ୍ପାଦକ ଅଜୟ ଗୌଡ଼ଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଲାଗି ବନ ବିଭାଗ ତତ୍ପର

**ଗଞ୍ଜାମ,୪।୩(ସମିସ):** ଆଉ କିଛିଟା ଦିନ ପରେ ଦକ୍ଷିଣା ପବନ ଓ ଚନ୍ଦ୍ରାଲୋକ ପ୍ରଭାବରେ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ମାନଙ୍କ ଗଣ ଅଣ୍ଡାଦାନ ପର୍ବ ଆରମ୍ଭ ହେବ। ଲକ୍ଷାଧିକ ସାମୁଦ୍ରିକ କଇଁଛଙ୍କ ସାମୂହିକ ଅଣ୍ଡାଦାନକୁ ଦୃଷ୍ଟିରେ ରଖି ବନ ବିଭାଗ ଡିଏଫଓ ଶନି ଖୋଖରଙ୍କ ନିର୍ଦ୍ଦେଶକ୍ରମେ ଋଷିକୁଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁଙ୍କ ପରାମର୍ଶ, ରମ୍ଭା ଫରେଷ୍ଟର ରତ୍ନାକର ବେହେରାଙ୍କ ତତ୍ତ୍ୱାବଧାନ ଓ ବନ କର୍ମଚାରୀ ମାନଙ୍କ ମିଳିତ ଉଦ୍ୟମରେ ଗଞ୍ଜାମ ବ୍ଲକର ପାଳିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ସମୁଦ୍ର ବେଳାଭୂମିଠାରୁ ବଟେଶ୍ୱର ବେଳାଭୂମି ପର୍ଯ୍ୟନ୍ତ ଦୀର୍ଘ ୫ କିଲୋମିଟର ପର୍ଯ୍ୟନ୍ତ ପ୍ଲାଷ୍ଟିକ ବାଡ଼ ଦିଆଯାଇଛି। ଯାହାକି ଗଣ ଅଣ୍ଡାଦାନ ସମୟରେ ବନ୍ୟଜନ୍ତୁଙ୍କ କବଳରୁ ସାମୁଦ୍ରିକ କଇଁଛକୁ ସୁରକ୍ଷା ପ୍ରଦାନ କରିବା ସହ ବାଟ ବଣା ହୋଇ କଇଁଛମାନେ ଜଙ୍ଗଲ ଆଡ଼କୁ ଯାଇ ପାରିବେ ନାହିଁ। ପୁରୁଣାବନ୍ଧ,



ଗୋଖରକୁଦା, ପୋଡ଼ାମପେଟା, ବାଟେଶ୍ୱର, ସିଦ୍ଧାନ୍ତ ନଗର ଓ ପ୍ରୟାଗି ଗ୍ରାମ ନିକଟସ୍ଥ ବେଳାଭୂମିରେ ୫ଟି କ୍ୟାମ୍ପ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ କ୍ୟାମ୍ପ ମାନଙ୍କରେ ଦୁଇ ଜଣ ଲେଖାଏଁ ବ୍ୟକ୍ତିଙ୍କୁ ମୁତୟନ କରାଯାଇଛି। ଯେଉଁ ବ୍ୟକ୍ତି ମାନେ ସାମୁଦ୍ରିକ କଇଁଛ ମାନଙ୍କ ଗତିବିଧି ଲକ୍ଷ୍ୟ କରିବା ସହ ସମୁଦ୍ର ମଧ୍ୟରେ ବେଆଇନ ଟ୍ରଲର ଓ ଯନ୍ତ୍ର ଚାଳିତ ଡଙ୍ଗାରେ ରିଙ୍ଗ ଜାଲ ବ୍ୟବହାର ପ୍ରତି କଡା ନଜର ରଖିବେ। ବନ ବିଭାଗ ପକ୍ଷରୁ ଋଷିକୁଲ୍ୟା ମୁହାଁଣର ଗଭୀର ଓ ଉଭୟ ପାର୍ଶ୍ୱ ୨୦କିଲୋମିଟର ଦୂରତା ଉତ୍ତରରେ ପ୍ରୟାଗି ଓ ଦକ୍ଷିଣରେ ଆର୍ଜିପଲ୍ଲୀ ସମୁଦ୍ର ମଧ୍ୟରେ ଟ୍ରଲର କିମ୍ବା ଯନ୍ତ୍ର ଚାଳିତ ଡ଼ଙ୍ଗା ଓ ରିଙ୍ଗ ଜାଲ ବ୍ୟବହାରକୁ ବାରଣ କରାଯାଇଛି। ଗଣ ଅଣ୍ଡାଦାନ ପୂର୍ବରୁ ସାମୁଦ୍ରିକ କଇଁଛ ଆସି ବେଳାଭୂମି ଉପରେ ଦେଉଥିବା ଅଣ୍ଡାଗୁଡିକୁ ସଂଗ୍ରହ କରାଯାଇ ୪ଟି ହେଚେରିରେ ରଖା ଯାଇଛି। ଅନ୍ୟପଟେ ବନ ବିଭାଗ ତରଫରୁ ସି ପାଟ୍ରୋଲିଂ ଜାରି ରହିଛି। ସମୁଦ୍ର ବେଳାଭୂମି ଓ ଆର୍ଯ୍ୟଲ୍ୟାଣ୍ଡ ମଧ୍ୟରେ ବନ ବିଭାଗ ପକ୍ଷରୁ ସୁରକ୍ଷିତ ଗଣ ଅଣ୍ଡାଦାନ ପାଇଁ ସଫେଇ ବ୍ୟବସ୍ଥା କରାଯାଇଛି। ଗୋଖରକୁଦା ବେଳାଭୂମିରେ ଏକ ୱାଚ ଟାୱାର ବ୍ୟବସ୍ଥା କରାଯାଇଛି। ଯେଉଁ ୱାଚ ଟାୱାରରେ ବନ ବିଭାଗ ପକ୍ଷରୁ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପ୍ରତି ନଜର ରଖାଯାଇପାରିବ। ଅନ୍ୟପଟେ ସ୍ଥାନୀୟ ସମୁଦ୍ର ତଟରେ ରହିଥିବା ଗ୍ରାମ ମାନଙ୍କରେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଉଛି। ଏହି ସୁରକ୍ଷା ବ୍ୟବସ୍ଥାରେ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

### ୮ମ ଦିନରେ ଆଦିବାସୀଙ୍କ ଧାରଣା

# ଅଭିଭାବକଙ୍କ ସହ ସାମିଲ ହେଲେ ପିଲା

**ଭଞ୍ଜନଗର,୪।୩(ସମିସ):** ଜଗନ୍ନାଥପ୍ରସାଦ ବ୍ଲକର ତାଳଖମଣ, ମଣ୍ଡା ପଥର ଓ ଡାଙ୍ଗିଭୁଇଁ ଆଦିବାସୀ ଗାଁକୁ ରାସ୍ତା, ବିଜୁଳି ଆଲୁଅ ଓ ପାନୀୟ ଜଳ ଦାବିରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆଦିବାସୀମାନେ ଦୀର୍ଘ ୮ ଦିନ ହେଲା ନିଜ ପିଲାଛୁଆଙ୍କ ଠାରୁ ଦୂରରେ ରହି ଏଠାରେ ଅହୋରାତ୍ର ଧାରଣା ଦେଉଛନ୍ତି। ଫଳରେ ପିଲାମାନେ ନିଜ ଅଭିଭାବକମାନଙ୍କ ପାଖକୁ ଯିବା ପାଇଁ ଜିଦ୍ କରି ଆଜି ଭଞ୍ଜନଗର ଠାରେ ପହଞ୍ଚିଥିଲେ। ଦାବି ପୂରଣ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଚାଲିଥିବାବେଳେ ଏ ପର୍ଯ୍ୟନ୍ତ ତାହାର ସମାଧାନ ହୋଇପାରିନାହିଁ। ତେଣୁ ଆଜି ଉକ୍ତ ତିନୋଟି ଗ୍ରାମର ପିଲାମାନେ ଆସି ଭଞ୍ଜନଗର ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଆନ୍ଦୋଳନରେ ସାମିଲ ହୋଇ ନିଜର ଦାବି ଜଣାଇଛନ୍ତି। ଏଥିରେ ଭାଗ୍ୟଲତା ଜାନି, ତୁଳସୀ ଜାନି, ସୁଜାତା ଜାନି, ଅଜୁ ମଲ୍ଲିକଙ୍କ ନେତୃତ୍ୱରେ ନାରାୟଣ ମଲ୍ଲିକ, ସିଦ୍ଧେଶ୍ୱର ଜାନି, ଅଜିତ କୁମାର ଜାନି, ମନୋଜ ମଲ୍ଲିକ, ସୋମେୟ ଜାନି, ଭଞ୍ଜ ମଲ୍ଲିକ, କମସନ ମଲ୍ଲି, ଦୀପକ ମଲ୍ଲିକ, ଶୁକ୍ଲ ଜାନି, ସୁଷମା ମଲ୍ଲିକ, ସରସ୍ୱତୀ ମଲ୍ଲିକ, ଶୁଭଲକ୍ଷ୍ମୀ ମଲ୍ଲିକ, ସୂଶ୍ରିକା ମଲ୍ଲିକ, ମମତା ମଲ୍ଲିକ ଏହା ପରିଚାଳନା କରୁଛନ୍ତି। କ୍ରାନ୍ତିକାରୀ ମହିଳା ନେତ୍ରୀ ପି. ପାର୍ବତୀ ଏମାନଙ୍କୁ ସହଯୋଗ



କରିବେ। ଆଦିବାସୀ ଭାରତ ମହାସଭା ଟୁନା ମଲ୍ଲିକ, ଓଡ଼ିଶା ମନରେଗା ଶ୍ରମିକ ୟୁନିଅନର ଯଶୋଦା ନାୟକ, ଶାନ୍ତି ନାୟକ ଓ ଏନ୍ ରାଜେଶ୍ୱରୀ ଆସି ସଂହତି ଓ ସମର୍ଥନ ପ୍ରଦାନ କରିଛନ୍ତି।

